

## ‘ଖେଲୋ ଇଣ୍ଡିଆ’ରେ ଗୌତମଙ୍କୁ କାଂସ୍ୟ

▶ପୃଷ୍ଠା ୮ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-269 •BHUBANESWAR •FRIDAY •28 MARCH 2025 •PAGE-8+6 •₹ 6.00

•ବର୍ଷ-୪୨ •ସଂଖ୍ୟା-୨୬୯ •ଭୁବନେଶ୍ୱର •ଶୁକ୍ରବାର •୨୮ ମାର୍ଚ୍ଚ ୨୦୨୫ •ପୃଷ୍ଠା-୮+୬ •ଟ.୬.୦୦






| Percentile | > 99 | > 98 | > 97 | > 96 | > 95 | > 94 | > 93 | > 92 | > 91 | > 90 |
|---|---|---|---|---|---|---|---|---|---|---|
| OVERALL | 3 | 11 | 24 | 35 | 51 | 61 | 73 | 80 | 90 | 97 |
| PHYSICS | 19 | 30 | 38 | 46 | 58 | 71 | 78 | 83 | 87 | 95 |
| CHEM | 13 | 22 | 40 | 54 | 64 | 73 | 76 | 82 | 87 | 90 |
| MATH | 2 | 7 | 12 | 15 | 16 | 16 | 16 | 18 | 18 | 20 |
| TOTAL | 34 | 59 | 90 | 115 | 138 | 160 | 170 | 183 | 192 | 205 |

ସକାଳ
THE SAKALA



# ରାଜଧାନୀର ଗାନ୍ଧୀ ମାର୍ଗ: ନାରୀ ସୁରକ୍ଷା ପାଇଁ କଂଗ୍ରେସର ନ୍ୟାୟ ଲଢ଼େଇ








# ବିଧାନସଭାରେ ଗଙ୍ଗାଜଳ ଛିଞ୍ଚିଲା ବିଜେଡି

**ଭୁବନେଶ୍ୱର,୨୭।୩(ସମିସ):** ବଜେଟ ଅଧିବେଶନ ଦ୍ୱିତୀୟପର୍ଯ୍ୟାୟରେ ପ୍ରଥମଥର ପାଇଁ ଆଜି ଗୃହକୁ ଶାନ୍ତି ଫେରିଛି। ତେବେ ଗୁରୁବାର ପ୍ରଶ୍ନକାଳ ଆରମ୍ଭ ପୂର୍ବରୁ ବିଧାନସଭାରେ ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ଗଣତନ୍ତ୍ର ମନ୍ଦିରରେ ପୁଲିସ ପ୍ରବେଶ କରାଇ ବିଜେପି ସରକାର ଗୃହକୁ ଅପବିତ୍ର କରିଥିବା ଅଭିଯୋଗ କରି ବିଜେଡି ବିଧାନସଭା ଭିତରେ ଓ ବାହାରେ ଗଙ୍ଗାଜଳ ସିଞ୍ଚନ କରି ଗୃହକୁ ପବିତ୍ର କରିଛି।

ଆଜି ପ୍ରଶ୍ନକାଳ ଆରମ୍ଭ ପୂର୍ବରୁ ବିଜେଡି ବିଧାୟକଙ୍କ ହାତରେ କଳସ, ଗଙ୍ଗାଜଳ ଏବଂ ଆମ୍ବଡାଳ ଦେଖିବାକୁ ମିଳିଥିଲା। ବିଧାନସଭା ଚାରିପାଖରେ ବିଜେଡି ବିଧାୟକମାନେ ପରିକ୍ରମା କରି ଗଙ୍ଗାଜଳ ସିଞ୍ଚନ କରିଥିଲେ। ବିଜେଡି ବିଧାୟକ ଡ. ଅରୁଣ ସାହୁ, ଧ୍ରୁବଚରଣ ସାହୁ, ରେମାଞ୍ଚ ରଞ୍ଜନ ବିଶ୍ୱାଳ, ଶାରଦା ଜେନା, ବେଗୁନିଆ ବିଧାୟକ ପ୍ରଦୀପ ସାହୁ ପ୍ରମୁଖ ଗଙ୍ଗାଜଳ ସିଞ୍ଚନ କରୁଥିବା ବେଳେ ଅନ୍ୟ ବିଧାୟକମାନେ ସେମାନଙ୍କ ସହ ଉପସ୍ଥିତ ଥିଲେ। ବିଧାନସଭା ବାହାରେ



ଗଙ୍ଗାଜଳ ସିଞ୍ଚନ ପରେ ଗୃହ ମଧ୍ୟରେ ମଧ୍ୟ ବିଜେଡି ବିଧାୟକମାନେ ଗଙ୍ଗାଜଳ ସିଞ୍ଚନ କରିଥିଲେ।

ବିଜେଡି ବିଧାୟକ ଡ. ଅରୁଣ ସାହୁ କହିଛନ୍ତି ଯେ ଗଣତାନ୍ତ୍ରିକ ଇତିହାସରେ ଓଡ଼ିଶାରେ ଏଭଳି କାର୍ଯ୍ୟ କେବେ ହୋଇନଥିଲା। ବିରୋଧୀ ସଦସ୍ୟ ମାନଙ୍କୁ ବଳପୂର୍ବକ ଉଠାଇ ନିଆଯାଇ ପବିତ୍ର ଗୃହକୁ ଅପବିତ୍ର କରାଯାଇଛି। ମଙ୍ଗଳବାର କଂଗ୍ରେସ ସଦସ୍ୟଙ୍କୁ ପୁଲିସ ଆକ୍ରମଣ କରିଥିବା ବେଳେ ଗତକାଲି ବିଜେଡି ବିଧାୟକଙ୍କୁ ଆକ୍ରମଣ ହୋଇଛି। ଗଣତନ୍ତ୍ରର ଏହି ମନ୍ଦିରକୁ ବିଜେପି ସରକାର ଅପବିତ୍ର କରିଛନ୍ତି। ଏହାର ପବିତ୍ରତା ଫେରାଇ ଆଣିବାକୁ ଆମେ ଗଙ୍ଗାଜଳ ସିଞ୍ଚନ କରୁଛୁ ବୋଲି ଡ. ସାହୁ କହିଥିଲେ। ବିଜେଡିର ଅନ୍ୟତମ ବିଧାୟକ ଡ. ବ୍ୟୋମକେଶ ରାୟ କହିଥିଲେ ଯେ ବିଧାନସଭାକୁ ଲୋକମାନେ ବିଧାୟକଙ୍କୁ ନିର୍ବାଚିତ କରି ପଠାଇଛନ୍ତି। ମାତ୍ର ବାଚସ୍ପତି ଓ ସରକାର ଯେପରି ଏକପାଖିଆ ନିଷ୍ପତ୍ତି ନେଉଛନ୍ତି, ତାହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟକୁ ଯାଉଥିବା ବେଳେ ଆମକୁ ପୁଲିସ ଲଗାଇ ଅଟକା ଗଲା। ଫେରିଲା ବେଳେ ସେମାନେ ମଧ୍ୟ ଆମ ସହ ଖରାପ ବ୍ୟବହାର କଲେ। କଂଗ୍ରେସ ବିଧାୟକଙ୍କୁ ପୁଲିସ ଲଗାଇ ଉଠାଇ ନିଆଗଲା। ଏହାର ପ୍ରତିବାଦରେ ଏବଂ ଗୃହର ପବିତ୍ରତା ଫେରାଇ ଆଣିବାକୁ ଆମେ ଗଙ୍ଗା ଜଳ ସିଞ୍ଚନ କରୁଛୁ ବୋଲି ଡ. ରାୟ କହିଥିଲେ।

# ହୋମ୍‌ଗାର୍ଡ ଶାରୀରିକ ପରୀକ୍ଷା ବେଳେ ଟଳିପଡ଼ିଲେ ଆଶାୟୀ

**ଦେବଗଡ଼,୨୭।୩(ସମିସ):** ହୋମ୍‌ଗାର୍ଡ ପଦ ପାଇଁ ଶାରୀରିକ ପରୀକ୍ଷା ବେଳେ ଜଣେ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ରିଆମାଳ ଥାନା ଅନ୍ତର୍ଗତ ବୁଢ଼ିଦୋ ଗ୍ରାମର ପ୍ରଦୀପ ଦେହୁରୀଙ୍କ ପୁଅ ସାହେବ ଦେହୁରୀ (୨୧)। ଗତକାଲି ଦେବଗଡ଼ ରିଜର୍ଭ ପୁଲିସ୍ ପଡ଼ିଆରେ ଅନୁଷ୍ଠିତ ଶାରୀରିକ ପରୀକ୍ଷାରେ ସାହେବ ଭାଗ ନେଇଥିଲେ। ଦୌଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର କିଛି ସମୟ ପରେ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ଭୋର୍‌ରେ ତାଙ୍କର ମୃତ୍ୟୁ ହୋଇଯାଇଛି। ତେବେ ଚିକିତ୍ସାରେ ଅବହେଳା ଯୋଗୁଁ ସାହେବଙ୍କର ମୃତ୍ୟୁ ହୋଇଥିବା ତାଙ୍କ ପରିବାରଲୋକ ଅଭିଯୋଗ କରି ହସ୍ପିଟାଲ ପରିସରରେ ହୋହଲ୍ଲା, ପାଟିତୁଣ୍ଡ କରିବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଚିକିତ୍ସା କରୁଥିବା ଡାକ୍ତରଙ୍କୁ ନିଲମ୍ବନ ଦାବିରେ ପରିବାରଲୋକ ହସ୍ପିଟାଲ ପରିସରରେ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।



- ଚିକିତ୍ସାରେ ଅବହେଳା ଅଭିଯୋଗ
- ଶବ ରଖି ପରିବାର ଲୋକଙ୍କ ଧାରଣା

ଖବର ପାଇ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ସିଡିଏମଓ ବିଶ୍ୱମୋହନ ମିଶ୍ର ଓ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାରୁ ସ୍ଥିତି ସ୍ୱାଭାବିକ ହୋଇଥିଲା। ପରେ ମଧ୍ୟାହ୍ନରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଅପରପକ୍ଷେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାହେବଙ୍କ ପରିବାରଲୋକଙ୍କୁ ୪ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

### ଗୁରୁବାର ୮ ସ୍ଥାନରେ ତାପମାତ୍ରା ଟପିଲା ୪୦ ଡିଗ୍ରୀ

# ଆଜିଠୁ ୩ ଦିନ ତାତିରେ ଜଳିବ ଓଡ଼ିଶା

**ଭୁବନେଶ୍ୱର,୨୭।୩(ସମିସ):** କିଛି ଦିନର ବ୍ୟବଧାନ ପରେ ରାଜ୍ୟରେ ଗୁରବାର ତାପମାତ୍ରା ୪୦ ଡିଗ୍ରି ଟପିଛି। ଆଜି ଝାରସୁଗୁଡାରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୧.୪ ଡିଗ୍ରି ସେଲସିୟସ୍ ରେକର୍ଡ ହୋଇଛି। ଝାରସୁଗୁଡ଼ା ସମେତ ରାଜ୍ୟର ୮ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି। ତେବେ ୨୮ରୁ ୩୦ ତାରିଖ ଯାଏଁ ଆସନ୍ତା ୩ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଗରମ ଅନୁଭୂତ ହେବ। ଏଥିପାଇଁ ସଂପୃକ୍ତ ଜିଲ୍ଲାଗୁଡ଼ିକୁ ହିଟ ୱେଭ ସତର୍କ ସୂଚନା ଜାରି କରାଯାଇଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।

**ବିଭିନ୍ନ ଜିଲ୍ଲାକୁ ହିଟୱେଭ ସତର୍କ ସୂଚନା**

କେନ୍ଦ୍ରର ସୂଚନା ଅନୁଯାୟୀ ଗୁରବାର ସମ୍ବଲପୁରରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ହୀରାକୁଦରେ ୪୦.୧, ବଲାଙ୍ଗୀରରେ ୪୦.୮, ଟିଟିଲାଗଡରେ ୪୦ ଡିଗ୍ରୀ, ସୋନପୁରରେ ୪୦.୨, ବୌଦ୍ଧରେ ୪୦.୫, ପାରଳାଖେମୁଣ୍ଡିରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ମାର୍ଚ୍ଚ ୨୮ ତାରିଖ ପାଇଁ ସମ୍ବଲପୁର ଏବଂ ବୌଦ୍ଧ ଜିଲ୍ଲାରେ ହିଟ ୱେଭ ସ୍ଥିତି ଅନୁଭୂତ ହୋଇପାରେ। ସେଥିପାଇଁ ଉପରୋକ୍ତ ଜିଲ୍ଲା ଦ୍ୱୟକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୯ ତାରିଖରେ ଝାରସୁଗୁଡା, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରେ ହିଟ ୱେଭ ସମ୍ଭାବନା ରହିଥିବା ବେଳେ ଉପରୋକ୍ତ ଜିଲ୍ଲାକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୩୦ ତାରିଖରେ ତାପମାତ୍ରାର ପ୍ରକୋପ ଆହୁରି ବଢ଼ିବ। ରବିବାର ଝାରସୁଗୁଡ. ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ବରଗଡ ଓ ସୁନ୍ଦରଗଡରେ ହିଟ ୱେଭ ପରିସ୍ଥିତି ସୃଷ୍ଟି ହେବ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର। ଉପରୋକ୍ତ ଜିଲ୍ଲାଗୁଡ଼ିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ତେବେ ଏହାପରଠାରୁ ତାପମାତ୍ରା କମିବାକୁ ଥିବାବେଳେ ଏପ୍ରିଲ ୨ ତାରିଖ ବେଳକୁ ରାଜ୍ୟର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

# ୫୦ହଜାର ଟଙ୍କା ଲାଞ୍ଚ ନେଲାବେଳେ ଧରାପଡ଼ିଲେ ଅଙ୍ଗନବାଡ଼ି ସୁପରଭାଇଜର

**ଲକ୍ଷ୍ମୀପୁର, ୨୭।୩ (ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର କୁଟିଙ୍ଗା ସେକ୍ଟରର ଅଙ୍ଗନବାଡି ସୁପରଭାଇଜର୍ ରେଣୁକା ପଟ୍ଟନାୟକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ବୁର୍ଜା ଗ୍ରାମ ଅଙ୍ଗନବାଡି-୫ କେନ୍ଦ୍ରରେ ନବନିଯୁକ୍ତ ଜଣେ ଅଙ୍ଗନବାଡ଼ି କର୍ମୀଙ୍କଠାରୁ ସେ ୫୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଜୟପୁର ଭିଜିଲାନ୍ସ ତାଙ୍କୁ ଧରିଛି। ପରେ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସର ୫ଜଣିଆ ଏକ ଟିମ୍ ତାଙ୍କ ଲକ୍ଷ୍ମୀପୁରସ୍ଥିତ ଆଇସିଡିଏସ କାର୍ଯ୍ୟାଳୟ, ଭଡ଼ାଘର ଓ ବନ୍ଧୁଗାଁ ବ୍ଲକ୍‌ର ତୁରୁକୁପେଟା ଗ୍ରାମରେ ଥିବା ତାଙ୍କ ଘର ଉପରେ ଚଢ଼ଉ କରିଛି। ସୂଚନାନୁସାରେ, ପିପଲପଦର ଅଙ୍ଗନବାଡ଼ି କେନ୍ଦ୍ରରେ ନିଯୁକ୍ତି ପାଇଁ ଜଣେ ମହିଳାଙ୍କ ସହ ୫୦ ହଜାର ଟଙ୍କାର ଲାଞ୍ଚ ଦେବାକୁ ଡିଲ ହୋଇଥିଲା। ଉକ୍ତ ମହିଳାଜଣଙ୍କ ଅଙ୍ଗନବାଡି କର୍ମୀ ଭାବେ ପିପଲପଦର କେନ୍ଦ୍ରରେ ନିଯୁକ୍ତି ପାଇବା ପରେ ଡିଲ ହୋଇଥିବା ଲାଞ୍ଚ ଟଙ୍କା ପ୍ରଦାନ ପାଇଁ ଅଙ୍ଗନବାଡ଼ି ସୁପରଭାଇଜର ରେଣୁକା ବାରମ୍ବାର ଚାପ ପ୍ରୟୋଗ କରୁଥିଲେ। ଏନେଇ ସଂପୃକ୍ତ ଅଙ୍ଗନବାଡ଼ି କର୍ମୀଜଣକ ଜୟପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।



# ୨୭ ଜିଲ୍ଲାରେ କମୁଛି ଭୂତଳ ଜଳସ୍ତର

**ଭୁବନେଶ୍ୱର, ୨୭।୩ (ସମିସ):** ରାଜ୍ୟର ୨୩ ଜିଲ୍ଲାରେ ଭୂତଳ ଜଳ ସ୍ତର ହ୍ରାସ ପାଇ ଚାଲିଛି। ବାଲେଶ୍ୱର, ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ମାଲକାନଗିରି, ନୂଆପଡ଼ା ଏବଂ ସମ୍ବଲପୁରକୁ ବାଦ୍ ଦେଲେ ଅନ୍ୟ ସବୁ ଜିଲ୍ଲାରେ ଭୂତଳ ଜଳ ସ୍ତର ହ୍ରାସ ପାଉଛି। କେଉଁଠି ୨ ମିଟର ହ୍ରାସ ପାଇଛି ତ ଆଉ କେଉଁଠି ୭ ମିଟର୍ ହ୍ରାସ ପାଇଲାଣି। ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଭୂତଳ ଜଳସ୍ତର ବୃଦ୍ଧି ପାଇଁ ୨୦୨୨-୨୩ରୁ ୨୦୨୬-୨୭ ପର୍ଯ୍ୟନ୍ତ ଛାତ ଏବଂ ଅରୁଆ ଯୋଜନା କାର୍ଯ୍ୟକାରୀ ହୋଇଛି। 'ଛାତ' ଯୋଜନା ମାଧ୍ୟମରେ ରାଜ୍ୟର ୨୭ଟି ସହରାଞ୍ଚଳ ଏବଂ ୫୨ଟି ବ୍ଲକ୍‌ରେ ୨୯ ୫୦୦ ଟି ବେସରକାରୀ କୋଠା, ୧୯୨୫ଟି ସରକାରୀ କୋଠାରେ ରିଚାର୍ଜ ସାଫ୍ଟ ମାଧ୍ୟମରେ ବର୍ଷା ଜଳ ସଂରକ୍ଷଣ ବ୍ୟବସ୍ଥା ହୋଇଛି। ବିଭିନ୍ନ ନଦୀମାନଙ୍କରେ ଆନ୍ତଃ ନଦୀ ଜଳାଶୟ ପ୍ରକଳ୍ପ (ଆଇଏସ୍‌ଏସ୍) ଓ ବିଭିନ୍ନ ପ୍ରାକୃତିକ ନାଳ ଗୁଡିକରେ ଆଡ଼ିବନ୍ଧ ତିଆରି କରି ଜଳସ୍ତର ବୃଦ୍ଧି ପାଇଁ ବିଭାଗ ପକ୍ଷରୁ ଯୋଜନା ହାତକୁ ନିଆଯାଇଛି। ସେହିପରି ରାଜ୍ୟରେ ଶିଳ୍ପ, ଖଣି ଓ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ଜଳ ଆବଣ୍ଟନ କମିଟିର ସୁପାରିଶ ଅନୁସାରେ ଏବଂ ଜିଲ୍ଲାସ୍ତରୀୟ ମୂଲ୍ୟାୟନ କମିଟିର ଅନୁମୋଦନକ୍ରମେ ଜଳସମ୍ପଦ ବିଭାଗ ଜଳ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଖରା ପାଇଁ ସକାଳ ଓ ସଂଧ୍ୟାରେ ରାସନ ବଣ୍ଟନ

**ଭୁବନେଶ୍ୱର, ୨୭ ।୩(ସମିସ):** ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଅନ୍ତର୍ଗତ ହିତାଧିକାରୀମାନଙ୍କ ସକାଳ ୭ଟାରୁ ଦିନ ୧୦ଟା ଓ ସନ୍ଧ୍ୟା ୫ଟାରୁ ରାତି ୮ଟା ଭିତରେ ବଣ୍ଟନ କରାଯିବାକୁ ଯୋଗାଣ ବିଭାଗ ନିଷ୍ପତ୍ତି ନେଇଛି। ଏ ସଂକ୍ରାନ୍ତରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳମାନଙ୍କୁ ବିଭାଗ ପକ୍ଷରୁ ଅବଗତ କରାଯାଇଛି। ଏଥିସହ ଖରା ଦାଉରୁ ରକ୍ଷା ପାଇବା ପାଇଁ ହିତାଧିକାରୀମାନଙ୍କ ପାଇଁ ସରକାରୀ ସୁଲଭ ମୂଲ୍ୟ ଦୋକାନ ଗୁଡ଼ିକରେ ଅସ୍ଥାୟୀ ଆଶ୍ରୟସ୍ଥଳୀ, ପାନୀୟଜଳ, ଓଆରଏସ ମହଜୁଦ ଭଳି ବ୍ୟାପକ ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦିଆଯାଇଛି।

# ୮ ନୂଆ ସହରରେ ଗଡ଼ିବ 'ଆମ ବସ୍'

**ଭୁବନେଶ୍ୱର,୨୭।୩(ସମିସ):** କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍)ର ୪୯ତମ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉନ୍ନୟନ କମିଶନର ଏବଂ କ୍ରୁଟ୍ ଚେୟାରମ୍ୟାନ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟରେ ସହରାଞ୍ଚଳ ପରିବହନକୁ ଅଧିକ ବୃଦ୍ଧି କରିବାକୁ ପ୍ରମୁଖ ରଣନୀତି ଉପରେ ଆଲୋଚନା ହୋଇଛି। ଏଥିରେ ଯାତ୍ରୀମାନଙ୍କ ଉତ୍ତମ ସୁରକ୍ଷା ଏବଂ ଗୁଣବତ୍ତା ସେବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସହ କ୍ରୁଟ୍‌ର କାର୍ଯ୍ୟକଳାପ ଉପରେ ବିସ୍ତୃତ ଆଲୋଚନା ଏବଂ ସମୀକ୍ଷା କରାଯାଇଛି। ସେହିପରି ଅନୁଗୁଳ, ଝାରସୁଗୁଡା, ଯାଜପୁର, କେନ୍ଦୁଝର, ବାରିପଦା, ଜୟପୁର, ବାଲେଶ୍ୱର ଏବଂ ରାୟଗଡ଼ା ଭଳି ୮ଟି ସହରରେ ଆମ ବସ୍ ଚଳାଚଳ କରିବାକୁ ବୈଠକରେ ଯୋଜନା କରାଯାଇଛି।

ଏହାସହ ଦୁର୍ଘଟଣା ନିବାରଣ ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଅତ୍ୟଧିକ ଗତି ଜନିତ ବିପଦକୁ ହ୍ରାସ କରିବା ପାଇଁ ବସ୍‌ଗୁଡ଼ିକର ଗତି ସୀମା ପ୍ରଚଳନ କରାଯାଇଛି। ଯାତ୍ରୀମାନଙ୍କ ସୁରକ୍ଷାକୁ ଉନ୍ନତ କରିବା ପାଇଁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ପ୍ରତି ମାସରେ ଦୁର୍ଘଟଣାର ତଦନ୍ତ ଏବଂ ଏହି ସମୀକ୍ଷା ବୈଠକ ସହିତ ବିଶ୍ଳେଷଣ କରିବେ। ଯାତ୍ରୀଙ୍କ ସହାୟତାକୁ ଆହୁରି ବୃଦ୍ଧି କରିବା ପାଇଁ, ସକାଳ ୬ଟାରୁ ରାତି ୧୦ଟା ମଧ୍ୟରେ ସହାୟତା ପାଇଁ ଏକ ଟୋଲ୍-ଫ୍ରି ନମ୍ବର (୧୮୦୦୫୭୦୦୨୧୮) ଜାରି କରାଯାଇଛି।

# ୧୪୭ଟି ପଡ଼ାକୁ ମିଳିବ ରାଜସ୍ୱ ଗ୍ରାମ ମାନ୍ୟତା

**ଭୁବନେଶ୍ୱର,୨୭।୩(ସମିସ):** ରାଜ୍ୟରେ ୨୬୩ଟି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ ମାନ୍ୟତା ମିଳିସାରିଥିବା ବେଳେ ୧୪୭ଟି ମାମଲା ବିଚାରାଧୀନ ରହିଛି। ତାହା ଆସନ୍ତା ଏପ୍ରିଲ ମାସ ମଧ୍ୟରେଏହି ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳିବ ବୋଲି ଗୃହରେ ସୂଚନା ଦେଇଛନ୍ତି ମନ୍ତ୍ରୀ ସୁରେଶ ପୂଜାରୀ।

ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାବେଳେ ଜନସଂଖ୍ୟାକୁ ମାନଦଣ୍ଡ ରୂପେ ଗ୍ରହଣ କରାଯାଉଥିଲା। ତେବେ ୨୦୨୧ରେ ବିଭିନ୍ନ କାରଣରୁ ଜନଗଣନା ହୋଇନାହିଁ। ତେଣୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇବାକୁ ହେଲେ ଦୁଇଟି ମାନଦଣ୍ଡକୁ ଗୁରୁତର ଭାବେ ଗ୍ରହଣ କରାଯିବ। ପ୍ରଥମଟି ଉକ୍ତ ପଡ଼ାଗ୍ରାମର ଜନସଂଖ୍ୟା ସର୍ବନିମ୍ନ ୫୦୦ ହୋଇଥିବା ଆବଶ୍ୟକ। ଦ୍ୱିତୀୟରେ ଉକ୍ତ ପଡ଼ାଗ୍ରାମଟି ମୂଳ ଗାଁଠାରୁ ଅତିକମରେ ୫୦୦ ମିଟର ଦୂରରେ ଥିବା ଆବଶ୍ୟକ। ଏହି ଦୁଇଟି ମାନଦଣ୍ଡ ପୂରଣ କରୁଥିଲେ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିବ ବୋଲି ମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ ୧୯୯୧ରୁ ୨୦୨୪ ମଧ୍ୟରେ ଓଡ଼ିଶାର ମାତ୍ର ୧୦୫୩ ପଡାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ବୋର୍ଡ ଅଫ୍ ରେଭିନ୍ୟୁ ନିକଟରେ ଆବେଦନ ହୋଇଥିଲା। ତନ୍ମଧ୍ୟରୁ ୩୦୭ଟି ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଥିବା ବେଳେ ଆହୁରି ୭୦୦ରୁ ଅଧିକ ଆବେଦନ ସରକାରଙ୍କ ନିକଟରେ ବିଚାରାଧୀନ ଅଛି। ଗତ ଫେବ୍ରୁଆରୀ ୧୮ ତାରିଖରେ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ନେଇ ସରକାର ସମସ୍ତ ଜିଲ୍ଲାପାଳଙ୍କୁ ଏକ ମାର୍ଗଦର୍ଶିକା ପ୍ରେରଣ କରିଛନ୍ତି। ମାର୍ଗଦର୍ଶିକା ଅନୁଯାୟୀ ମାର୍ଚ୍ଚ ୨୫ ତାରିଖ ସୁଦ୍ଧା ସମସ୍ତ ପଡ଼ାଗ୍ରାମର ସର୍ଭେ ପ୍ରକ୍ରିୟା ସମ୍ପନ୍ନ ହେବ। ଆସନ୍ତା ଏପ୍ରିଲ ୨୮ ତାରିଖ ସୁଦ୍ଧା ଏନେଇ ଶୁଣାଣି ପ୍ରକ୍ରିୟା ସାରିବାକୁ ଲକ୍ଷ୍ୟ ରଖାଯାଇଛି ଓ ମେ ମାସ ୨୦ ତାରିଖ ସୁଦ୍ଧା ସମସ୍ତ ଯୋଗ୍ୟ ଆବେଦନକୁ ଉପ ଜିଲ୍ଲାପାଳ ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ। ସେହିପରି ମେ ୩୦ ସୁଦ୍ଧା ଜିଲ୍ଲାପାଳ ଏହାକୁ ବୋର୍ଡ ଅଫ୍ ରେଭିନ୍ୟୁକୁ ପ୍ରଦାନ କରିବାକୁ ଥିବାବେଳେ ଜୁଲାଇ ୧୦ ତାରିଖ ସୁଦ୍ଧା ବୋର୍ଡ ଅଫ୍ ରେଭିନ୍ୟୁ ରାଜସ୍ୱ ଗ୍ରାମକୁ ଅନୁମୋଦନ କରିବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଆଲୋଚନାରେ ବିଧାୟକ ଗଣେଶ୍ୱର ବେହେରା, ଧ୍ରୁବଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ସେଠୀ, ବିଜୟ ଦଳବେହେରା , ଦିବ୍ୟଶଙ୍କର ମିଶ୍ର ଓ ସୁବାସିନୀ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-269 ◆BHUBANESWAR ◆FRIDAY ◆28 MARCH 2025 ◆PAGE-8+6 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୬୯ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୮ ମାର୍ଚ୍ଚ ୨୦୨୫ ◆ପୃଷ୍ଠା-୮+୬ ◆ଟ.୬.୦୦




## କଂଗ୍ରେସର ରଣହୁଙ୍କାର

# ଗାନ୍ଧୀ ମାର୍ଗରେ ଖଣ୍ଡଯୁଦ୍ଧ



- ପୁଲିସ ଆକ୍ରମଣରେ ୯ କଂଗ୍ରେସ କର୍ମୀ ଲହୁଲୁହାଣ
- ପାଲଟା ଚେୟାର ମାଡ଼ରେ ୧୨ ପୁଲିସ ଆହତ
- ପିଟିଲା ପୁଲିସ, ଛାଡ଼ିଲା ପାଣି, ଲୁହବୁହା ଗ୍ୟାସ୍
- ମାଡ଼ରୁ ବାଦ୍ ପଡ଼ିଲେ ନାହିଁ ଗଣମାଧ୍ୟମ ପ୍ରତିନିଧି
- ପୁଲିସ ଗାଡ଼ିରେ ନିଆଁ ଲଗାଇଲେ ଆନ୍ଦୋଳନକାରୀ

■ **ଭୁବନେଶ୍ୱର, ୨୭।୩ (ସମିସ):** ରାଜ୍ୟରେ ମହିଳାଙ୍କ ପ୍ରତି ବଢ଼ୁଥିବା ହିଂସା ଓ ଅପରାଧ ପ୍ରତିବାଦରେ ରାଜଧାନୀରେ କଂଗ୍ରେସର ରଣହୁଙ୍କାର ଓ ପୁଲିସ ପାଲଟା ଆକ୍ରମଣ ଗାନ୍ଧୀମାର୍ଗକୁ କରିଛି ରକ୍ତରଞ୍ଜିତ। ପୁଲିସର ଲାଠିମାଡ଼, ପାଣି ମାଡ଼ରେ ଅନେକ କଂଗ୍ରେସ କର୍ମୀ ଆହତ ହୋଇଛନ୍ତି। ଲୁହବୁହା ଗ୍ୟାସ ମାଡ଼ରେ ଅନେକ ଅସୁସ୍ଥ ହୋଇଛନ୍ତି। ସେହିପରି ପୁଲିସର କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ କଂଗ୍ରେସ କର୍ମୀମାନେ ଫିଙ୍ଗିଥିବା ଚେୟାର, ପାଣି ବୋତଲ, ଢ଼େଲା ମାଡ଼ରେ ୧୦ରୁ ଊର୍ଦ୍ଧ୍ୱ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଏପରିକି କଂଗ୍ରେସ ଓ ପୁଲିସ ମଧ୍ୟରେ ଚାଲିଥିବା ସଂଘର୍ଷରୁ ସାମ୍ବାଦିକମାନେ ବି ବାଦ ପଡ଼ି ନାହାନ୍ତି। ବିଭିନ୍ନ ଗଣମାଧ୍ୟମ ସଂସ୍ଥାର ୨ ଜଣ ସାମ୍ବାଦିକ ଲହୁଲୁହାଣ ହୋଇଛନ୍ତି। ଆଉ କିଛି ସାମ୍ବାଦିକ ଢ଼େଲାମାଡ଼ରେ ଆଘାତ ପାଇଛନ୍ତି।

ଆଜି ସକାଳେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଦଳର ସମସ୍ତ ବିଧାୟକ, ସାଂସଦ, ବରିଷ୍ଠ ନେତା ଓ ହଜାର ହଜାର କର୍ମୀ ରାମମନ୍ଦିର ପାଖରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ପଦଯାତ୍ରାରେ ଆସି ଗାନ୍ଧୀମାର୍ଗରେ ପ୍ରତିବାଦ ସମାବେଶ କରିଥିଲେ। ଜଣଙ୍କ ପରେ ଜଣେ ନେତା ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ। ଦଳର ନେତାମାନେ ବିଜେପି ସରକାର ସମୟରେ ସୃଷ୍ଟି ହୋଇଥିବା ଆଇନଶୃଙ୍ଖଳା ପରିସ୍ଥିତିର ଅଧୋଗତିକୁ କଟୁ ସମାଲୋଚନା କରିଥିଲେ। ଓଡ଼ିଶା ଆଜି ଏକ ହିଂସା ରାଜ୍ୟରେ ପରିଣତ ହୋଇଛି। ମହିଳାମାନେ ଆଜି ଅସୁରକ୍ଷିତ, ଏଠାରେ ପ୍ରତିଦିନ ୧୦ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଥିବା ଅଭିଯୋଗ କରି ବିଧାନସଭାରେ ଗୃହ କମିଟି ଦାବି କରିବା ଯୋଗୁଁ ସମସ୍ତ କଂଗ୍ରେସ ବିଧାୟକଙ୍କୁ ନିଲମ୍ବନ ପ୍ରସଙ୍ଗ ଉଲ୍ଲେଖ କରିଥିଲେ। ଏହା ବିରୋଧରେ କଂଗ୍ରେସ ଆଜିଠାରୁ ନ୍ୟାୟ ଲଢ଼େଇ ଆରମ୍ଭ କରିଛି ଓ ଏହାକୁ ବ୍ୟାପକ କରାଯିବ ବୋଲି ଦଳର ନେତାମାନେ କହିଥିଲେ।

ଏହାପରେ ବିଧାନସଭା ଘେରାଉ କରିବା ପାଇଁ ନେତା ଓ କର୍ମୀମାନେ ଆଗକୁ ବଢ଼ିବା ବେଳେ ପୁଲିସ ପକ୍ଷରୁ ସେମାନଙ୍କୁ ବାଧା ଦିଆଯାଇଥିଲା। ମାତ୍ର କଂଗ୍ରେସ କର୍ମୀମାନେ ପୁଲିସକୁ ଅତିକ୍ରମ କରି ଆଗକୁ ବଢ଼ିଥିଲେ ଓ କିଛି କର୍ମୀ ବ୍ୟାରିକେଡ଼ ଭାଙ୍ଗିବାକୁ ଉଦ୍ୟମ କରିଥିଲେ ହେଁ ସଫଳ ହୋଇ ନ ଥିଲେ। ମାତ୍ର ଏହି ସମୟରେ ପୁଲିସ ଅକସ୍ମାତ କଂଗ୍ରେସ କର୍ମୀଙ୍କ ଉପରେ ଆରମ୍ଭ କରିଥିଲା ଲାଠିମାଡ଼। ଗୋଡ଼େଇ ଗୋଡ଼େଇ କଂଗ୍ରେସ କର୍ମୀମାନଙ୍କୁ ପୁଲିସ କର୍ମୀମାନେ ନିସ୍ତୁକ ପିଟିଥିଲେ। ଏଥିରେ କିଛି କର୍ମୀ ଆହତ ହେବା ଓ ସେମାନଙ୍କ ମୁଣ୍ଡରୁ ରକ୍ତ ଝରିଥିଲା। ପୁଲିସର ଲାଠିମାଡ଼ କଂଗ୍ରେସ କର୍ମୀଙ୍କୁ ଉତ୍ତେଜିତ କରିଥିଲା। ସେମାନେ ପୁଲିସ ଉପରେ ପାଣିବୋତଲ, ପ୍ଲାଷ୍ଟିକ ଚେୟାର ଓ ଢ଼େଲାପଥର ମାଡ଼ କରିବା ଆରମ୍ଭ କରି ଦେଇଥିଲେ।

କଂଗ୍ରେସ କର୍ମୀମାନେ ଅଣାୟତ୍ତ ହେଉଥିବା ଦେଖି ସେମାନଙ୍କ ଉପରେ ପୁଲିସ ପାଣିମାଡ଼ କରିଥିଲା। ପ୍ରାୟ ୧୫ ମିନିଟ୍ ଧରି ପାଣିମାଡ଼ ଚାଲିଥିଲା ଓ ଟ୍ୟାଙ୍କରରୁ ପାଣି ଶେଷ ହୋଇଯିବା ପରେ ଗୋଟାକ ପରେ ଗୋଟାଏ ୬ଟି ଲୁହବୁହା ସେଲ୍ ପୁଲିସ ଛାଡ଼ିଥିଲା। ମାତ୍ର ଉତ୍ୟକ୍ତ କଂଗ୍ରେସ କର୍ମୀଙ୍କୁ ତାହା ରୋକିବାକୁ ସକ୍ଷମ ହୋଇ ନ ଥିଲା। ସେମାନେ ପୁଲିସ ବଳୟ ଭାଙ୍ଗି ▶ପୃଷ୍ଠା-୬












| ରୁଫ୍‌ଟପ୍ ସୋଲାର କ୍ଷମତା | କେନ୍ଦ୍ରୀୟ ସବସିଡି ସହାୟତା | ରାଜ୍ୟ ସବସିଡି ସହାୟତା (ଓଡ଼ିଶାର ବାସିନ୍ଦାଙ୍କ ପାଇଁ) | ସମୁଦାୟ ଆର୍ଥିକ ସହାୟତା |
|---|---|---|---|
| ୧ କିଲୋୱାଟ୍ | ₹୩୦,୦୦୦ | ₹୨୫,୦୦୦ | ₹୫୫,୦୦୦ |
| ୨ କିଲୋୱାଟ୍ | ₹୬୦,୦୦୦ | ₹୫୦,୦୦୦ | ₹୧,୧୦,୦୦୦ |
| ୩ କିଲୋୱାଟ୍ | ₹୭୮,୦୦୦ | ₹୬୦,୦୦୦ | ₹୧,୩୮,୦୦୦ |

### ବିଧାନସଭା ଘେରଉ ପାଇଁ ଯାଉଥିବା କଂଗ୍ରେସ କର୍ମୀଙ୍କୁ ୨ ଘଣ୍ଟା ଅଟକ ରଖିଲା ପୁଲିସ

# ପ୍ରତିବାଦରେ ତରିକୁନ୍ଦ ନିକଟରେ ରାସ୍ତାରୋକ

ଜଗତସିଂହପୁର,୨୭।୩(ସମିସ):

ବିଗତ ୯ ମାସର ସରକାର ଅମଳରେ ନାରୀ ନିର୍ଯ୍ୟାତନା ଚରମ ସୀମାରେ ପହଞ୍ଚିଥିବାରୁ ଏହାର ପ୍ରତିବାଦରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ମାର୍ଚ୍ଚ ୨୭ ତାରିଖ ବିଧାନସଭା ଘେରଉ ଡାକରା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ଯାଉଥିବା ବେଳେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ କଂଗ୍ରେସ ନେତା ଓ କର୍ମୀମାନଙ୍କୁ ପୁଲିସ ବାଟରେ ଅଟକାଇବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। କୁଜଙ୍ଗ ଓ ଏରସମା ଅଞ୍ଚଳରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିବା କଂଗ୍ରେସ ନେତା ଓ କର୍ମୀମାନଙ୍କୁ କଟକ-ପାରାଦୀପ ରାସ୍ତାର ମଣିଜଙ୍ଗା ଓ ତିର୍ତ୍ତୋଲ ନିକଟରେ ପୁଲିସ ଅଟକାଇବା ସହିତ ଥାନାକୁ ନେଇଥିଲା। ସେଠାରେ ବସିବା ପାଇଁ କହିବାରୁ କଂଗ୍ରେସ ନେତ୍ରୀ ଦିପ୍ତିରାଣୀ ପ୍ରଧାନ ଏବଂ ଅନ୍ୟମାନଙ୍କ ସହିତ ପୁଲିସର ଯୁକ୍ତିତର୍କ ହୋଇଥିଲା।





କାହିଁକି ସେମାନଙ୍କୁ ଥାନାକୁ ଆଣିଛି ବୋଲି ପ୍ରଶ୍ନ କରିବାରୁ ଉପରୁ ନିର୍ଦ୍ଦେଶ ଅଛି ବୋଲି ପୁଲିସ କହିଥିବା ଦିପ୍ତିରାଣୀ ସୂଚନା ଦେଇଛନ୍ତି। ତେବେ କିଏ ନିର୍ଦ୍ଦେଶ ଦେଇଛି ପ୍ରମାଣ ମାଗିବାରୁ ପୁଲିସ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିବା ଅଭିଯୋଗ କରିଛନ୍ତି କଂଗ୍ରେସ କର୍ମୀ। ପ୍ରାୟ ୨ ଘଣ୍ଟା ଅଟକ ରଖିବା ପରେ ପୁଲିସ ସେମାନଙ୍କୁ ଛାଡିଥିବା କଂଗ୍ରେସ ନେତ୍ରୀ ଦିପ୍ତିରାଣୀ ପ୍ରକାଶ କରିଛନ୍ତି। ସେହିପରି କନ୍ଦରପୁର-ନୂଆଗାଁ ରାସ୍ତାର ତରିକୁନ୍ଦ ନିକଟରେ ଜଗତସିଂହପୁରରୁ ଭୁବନେଶ୍ୱର ଯାଉଥିବା କଂଗ୍ରେସ ନେତା ଓ କର୍ମୀଙ୍କୁ ପୁଲିସ ଅଟକାଇଥିଲା। ଏହାକୁ ନେଇ ବେଶ୍ କିଛି ସମୟ ଯୁକ୍ତିତର୍କ ଚାଲିବା ପରେ ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ରାସ୍ତାରୋକ କରିଥିଲେ। ଯୁବକଂଗ୍ରେସ ନେତା ବେଦଦୂତି ପୃଷ୍ଟି, ବିଶ୍ୱଜିତ ମହାନ୍ତି, ଜ୍ଞାନ ରଞ୍ଜନ କର, ହରେକୃଷ୍ଣ ଦାସ, ଶୁଭାଶିଷ ସ୍ୱାଇଁ ଏବଂ ଚିନ୍ମୟ କୁମାର ଜେନା ପ୍ରମୁଖ ରାସ୍ତା ଉପରେ ବସି ମୋହନ ମାଝି ସରକାର ଓ ପୁଲିସ ବିରୋଧରେ ନାରାବାଜି କରିଥିଲେ। ବାଧହୋଇ ପୁଲିସ ସେମାନଙ୍କୁ ଛାଡିଥିଲା। ସେହିପରି ଜିଲ୍ଲାର ବିରିଡି, ରଘୁନାଥପୁର, କୁଜଙ୍ଗ ଏବଂ ଅନ୍ୟ ଅଞ୍ଚଳରେ ମଧ ପୁଲିସ କଂଗ୍ରେସ ନେତା ଓ କର୍ମୀମାନଙ୍କୁ ଅଟକାଇଥିବା ଦଳ ତରଫରୁ ସୂଚନା ଦିଆଯାଇଛି। ଜଗତସିଂହପୁର ପୁଲିସର ଏଭଳି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଦୃଢ ନିନ୍ଦା କରିଛନ୍ତି। ଆଗାମୀ ଦିନରେ ଏହାର ମୂଲ୍ୟଦେବାକୁ ପଡିବ ବୋଲି ଶ୍ରୀ ବାରିକ ଚେତାଇ ଦେଇଛନ୍ତି।

## ଭିନ୍ନକ୍ଷମ ପ୍ରମାଣପତ୍ରରେ ଜାଲିଆତି ଅଭିଯୋଗ

ରଘୁନାଥପୁର,୨୭।୩(ସମିସ): ସରକାରଙ୍କ ପ୍ରଦତ୍ତ ଯୋଜନା ମଧ୍ୟରେ ଭତ୍ତା ଯୋଜନା ଅନ୍ୟତମ ଲୋକାଭିମୁଖୀ ଯୋଜନା। ୬୦ ବର୍ଷରୁ ଉର୍ଦ୍ଧ୍ୱ ବେସାହାରା ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ସାଧାରଣ ଜୀବନ ଜୀଇଁବା ହେଉଛି ଏହାର ଲକ୍ଷ୍ୟ ଓ ଆଭିମୁଖ୍ୟ। କିନ୍ତୁ ବହୁ ସମୟରେ ଭିନ୍ନକ୍ଷମ ନ ଥାଇ କିଛି ଲୋକ ଏହି ପ୍ରମାଣପତ୍ର ହାତେଇ କିଛିଦିନ ପାଇଁ ଭତ୍ତା ନେବାରେ ସଫଳ ହୋଇଥିବା ଦେଖିବାକୁ ମିଳିଛି। ପ୍ରକୃତ ଭିନ୍ନକ୍ଷମ ଏହି ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି। ଯଦି ଜଣକର ସେହି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ରୋଗ ଭଲ ହୋଇଯିବା ଡାକ୍ତର ଯାଞ୍ଚ କରି ଜାଣିପାରୁଛନ୍ତି, ତେବେ ସେମାନଙ୍କୁ କ'ଣ ପାଇଁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଉଛି; ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପାଇଁ ଧୁଆମୂଳା ଓ ଅଧୁଆମୂଳା ସମାନ ହୋଇଯାଇଥିବାରୁ ପ୍ରକୃତ ଭିନ୍ନକ୍ଷମ ନିର୍ଦ୍ଦିଷ୍ଟ ସମୟସୀମା ପାଇଁ ପ୍ରମାଣପତ୍ର ପାଉଛନ୍ତି ଓ ପରବର୍ତ୍ତୀ ସମୟରେ ଶାରୀରିକ ଅକ୍ଷମତା ପାଇଁ ଏହି ସାର୍ଟିଫିକେଟକୁ ନବୀକରଣ କରି ନ ପାରି ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାର ପ୍ରକୃତ ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କଲେ ଜନସାଧାରଣ ବିଶେଷ ଉପକୃତ ହୋଇପାରନ୍ତେ।

## ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ତିର୍ତ୍ତୋଲ,୨୭।୩(ସମିସ): ତିର୍ତ୍ତୋଲ ଥାନା ଅର୍ନ୍ତଗତ ନୂଆପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ 'ଆମ ସଂସ୍କୃତି, ଆମ ଖେଳନା' ଆନୁକୂଲ୍ୟରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପଦ୍ମଚରଣ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷକ ବନମାଳୀ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ, ଅତିଥି କଳାକାର ଶୀତଳ ପାଣିଗ୍ରାହୀ ଓ ତୃତୀୟ ଶ୍ରେଣୀ ଛାତ୍ରୀଙ୍କ ଦ୍ୱାରା ସୁନ୍ଦର ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ସାସମଲ ବାର୍ଷିକ ବିବରଣୀ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ସରପଞ୍ଚଙ୍କ ପ୍ରତିନିଧି ରହିମ୍ ଖାଁ ଓ ସମ୍ମାନିତ ଅତିଥି ସମିତି ସଭ୍ୟଙ୍କ ପ୍ରତିନିଧି ଅଜୟ କୁମାର ସାମଲ ସରକାରୀ ବିଦ୍ୟାଳୟରେ ନିଜ ପିଲାଙ୍କୁ ପାଠ ପଢାଇବା ପାଇଁ ଅଭିଭାବକଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ସିଆରସିସି ବିରୂପାକ୍ଷ, ଅତିଥି ବିଦ୍ୟାଳୟର ପୁରାତନ ଛାତ୍ର ଆଶିଷ ଦଳାଇ, ଆଧ୍ୟାତ୍ମିକବାଦୀ ଗଙ୍ଗାଧର ମହାରଣା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ପରିଚାଳନା କମିଟି ସଭାପତି ପ୍ରଶାନ୍ତ ନାୟକ, ୱାର୍ଡ ସଭ୍ୟ ସରୋଜ ଦାସ, ସୋନାଲି ମଲ୍ଲିକ ଓ ନନ୍ଦିନୀ ଦାସ ପ୍ରମୁଖ ସହଯୋଗ କରିଥିଲେ।



## ସେବା ଫାଉଣ୍ଡେସନର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

ବାଲିକୁଦା,୨୭।୩(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ରାହାଣ ପଞ୍ଚାୟତରେ ଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସେବା ଫାଉଣ୍ଡେସନର ପଞ୍ଚମ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସେବା ଫାଉଣ୍ଡେସନ ସଭାପତି ରଶ୍ମିରଞ୍ଜନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସେବା ଫାଉଣ୍ଡେସନ ସମ୍ପାଦକ ସମ୍ବିତ କୁମାର ପାଇଟାଳ, ଉପସଭାପତି ସତ୍ୟରଞ୍ଜନ ଦେହୁରୀ, ସେବା ଫାଉଣ୍ଡେସନ ପ୍ରତିଷ୍ଠାତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରେମାନନ୍ଦ ପରିଡା, ଅଧ୍ୟକ୍ଷ ବିଶ୍ୱରଞ୍ଜନ ବେହେରା, ଉପଦେଷ୍ଟା ବଟକୃଷ୍ଣ ସାହୁ, କାର୍ଯ୍ୟକାରୀ ସମ୍ପାଦକ ସୁମନ ବିଶ୍ୱାଳ, କୋଷାଧକ୍ଷ ଈଶ୍ୱର ବେହେରା, ମହିଳା ସଂଗଠନ ସଭାପତି ପ୍ରଜ୍ଞାପରିମିତା ବେହେରା, ମହିଳା ସଂଗଠନ ସମ୍ପାଦକ କବିତା ଯତି, ସାଇ ସୋମନାଥ ବେହେରା, ରାଜକିଶୋର ବେହେରା, ପ୍ରେମାନନ୍ଦ ବେହେରା, ପଦ୍ମପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ରହି ଆସନ୍ତା ୧୩ ତାରିଖରେ ହେବାକୁ ଥିବା ଫାଉଣ୍ଡେସନର ପଞ୍ଚମ ବାର୍ଷିକ ଉତ୍ସବ କିପରି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ ନେଇ ଆଲୋଚନା କରିଥିଲେ।

## ସବିତା ଖଣ୍ଡୁଆଳଙ୍କ ସ୍ମୃତିସଭା

ଏରସମା,୨୭।୩(ସମିସ): ଏରସମା ବ୍ଲକ ହାଡିବନ୍ଧୁ ଉଚ୍ଚ ବିଦ୍ୟାଳୟ ପଲ୍ଲୀକାଣ୍ଡାର ପ୍ରତିଷ୍ଠାତା ଇଂ.ହାଡିବନ୍ଧୁ ଖଣ୍ଡୁଆଳଙ୍କ ଧର୍ମପତ୍ନୀ ସ୍ୱର୍ଗତା ସବିତା ଖଣ୍ଡୁଆଳଙ୍କ ୪ର୍ଥ ବାର୍ଷିକ ସ୍ମୃତିସଭା ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଶିକ୍ଷାବିତ ଅଭୟ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ, ସରପଞ୍ଚ ପଲ୍ଲୀକଣ୍ଠା ରଶ୍ମିତା ସ୍ୱାଇଁ, ସମିତିସଭ୍ୟା ସନ୍ଧ୍ୟାରାଣୀ କୁଁଅର, ପୂର୍ବତନ ସମ୍ପାଦକ ଭଗବାନ ପ୍ରସାଦ ସାହୁ, ବିଦ୍ୟାଳୟର ଚେୟାରମ୍ୟାନ ସଂଶୟ କୁମାର ସ୍ୱାଇଁ, ପ୍ରବୀଣ କୁମାର ସ୍ୱାଇଁ, ଆଶାଲତା ବିଶ୍ୱାଳ, ବବିତା ଦାସ, ସାଗରୀକା ଦାସ, ରୋହିତ କୁମାର ମହାନ୍ତି, ପ୍ରତାପ କୁମାର ସ୍ୱାଇଁ, ସଂସାର କୁମାର ବରାଳ, ଶିକ୍ଷା କର୍ମୀ ଦେବାଶିଷ ବିଶ୍ୱାଳ, ଅକ୍ଷୟ କୁମାର ନାୟକ, ନରେନ୍ଦ୍ର ମହାନ୍ତି, ତପନ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିବାବେଳେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ସ୍ୱର୍ଗତା ସବିତା ଖଣ୍ଡୁଆଳଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା

## ତୃତୀୟଥର ମା' ମଙ୍ଗଳା ପପି ଯଙ୍ଗ୍ ଷ୍ଟାର ଚାମ୍ପିଅନ୍

ଏରସମା,୨୭।୩(ସମିସ): ଏରସମା ଗ୍ରାମ୍ୟ କମିଟି ପକ୍ଷରୁ ଦୋଳ ପୂର୍ଣ୍ଣିମା ଉପଲକ୍ଷେ ତୃତୀୟ ବାର୍ଷିକ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଦେବୀ ଦୋଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏରସମା ଗ୍ରାମ୍ୟ କମିଟିର ମୁରବୀଙ୍କ ସହଯୋଗରେ ପାଞ୍ଚଦିନ ବ୍ୟାପି ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ପରିବେଷଣ ହୋଇଯାଇଛି। ଏହି ନାଟମକ ପ୍ରତିଯୋଗିତାରେ ମା' ମଙ୍ଗଳା ପପି ଯଙ୍ଗ୍ ଷ୍ଟାର୍ ତୃତୀୟଥର ପାଇଁ ଚାମ୍ପିଅନ୍ ହୋଇଛି।

୨୧ ତାରିଖ ଶୁକ୍ରବାର ଦିନ ଲୋକନାଥ ମହାନ୍ତିଙ୍କ ନିର୍ଦ୍ଦେଶନାରେ ନାଟକ ଖରାପ ଝିଅର ଗପ ନାଟକ ପ୍ରଥମ ଦିବସରେ ଏରସମା ଜଗନ୍ନାଥ ସାଂସ୍କୃତିକ ମଞ୍ଚ ପରିବେଷଣ କରିଥିଲା। ହଜାର ହଜାର ଜନସମାଗମ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଦିବସରେ ନଟବର ବାରିକଙ୍କ ନିର୍ଦ୍ଦେଶନାରେ ନାଟକ କିଏ ପୋଛିଦେବ ଆଖିର ଲୁହ ପୋଲାଙ୍ଗ ଡ୍ରାମାଟିକ କ୍ଲବ ପରିବେଷଣ କରିଥିଲା। ତୃତୀୟ ଦିବସରେ ରଞ୍ଜନ ବର୍ଦ୍ଧନଙ୍କ ନିର୍ଦ୍ଦେଶିକ ନାଟକ ହା କୃଷ୍ଣ ବୋଲି ଯାଉ ଜୀବ ମା' ମଙ୍ଗଳା ପପି ଯଙ୍ଗ୍ ଷ୍ଟାର ଗୋବିନ୍ଦପୁର ପରିବେଷଣ କରିଥିଲା। ଚତୁର୍ଥ ଦିବସରେ ଅମୂଲ୍ୟ ବିଶ୍ୱାଳଙ୍କ ନିର୍ଦ୍ଦେଶିତ ନାଟକ କାହାଣୀ କାନ୍ଦୁଛି ଆଖି ଲୁଚେଇ ନାଟକ ଏରସମା ଜଗନ୍ନାଥ ସାଂସ୍କୃତିକ ମଞ୍ଚ ପରିବେଷଣ କରିଥିଲା। ଅନ୍ତିମ ତଥା ପଞ୍ଚମ ଦିବସରରେ ଝିମାଣୀ ଡ୍ରାମାଟିକ୍ କ୍ଲବ ମଞ୍ଚସ୍ଥ କରିଥିଲା ନାଟକ ତୁ ରାଜା ଝିଅ ମୁଁ ରିକ୍ସାବାଲା। ମା' ମଙ୍ଗଳା ପପି ଯଙ୍ଗ୍ ଷ୍ଟାର ଗୋବିନ୍ଦପୁର ଚାମ୍ପିଅନ ହୋଇଥିବାବେଳେ ପୋଲାଙ୍ଗ ଡ୍ରାମାଟିକ ରନର୍ସଅପ ହୋଇଥିଲା। ମା' ମଙ୍ଗଳା ପପି ଯଙ୍ଗ୍ ଷ୍ଟାର ଗୋବିନ୍ଦପୁରକୁ ଜଗନ୍ନାଥ ସାଂସ୍କୃତିକ ମଞ୍ଚ ଏରସମାର ସଭାପତି ତଥା ଏରସମା ଗ୍ରାମ୍ୟ କମିଟିର ସଭାପତି ଅମୂଲ୍ୟ ବିଶ୍ୱାଳ, ଏରସମା ଗ୍ରାମ୍ୟ କମିଟିର ସଂପାଦକ ପ୍ରଭାକର ପଣ୍ଡା, ଏରସମା ସରପଞ୍ଚ ସଚ୍ଚିଦାନନ୍ଦ ଦାସ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ। ମା' ମଙ୍ଗଳା ପପି ଯଙ୍ଗ୍ ଷ୍ଟାର ଗୋବିନ୍ଦପୁରର ଶ୍ରେଷ୍ଠ ନିର୍ଦ୍ଦେଶକ ରଞ୍ଜନ ବର୍ଦ୍ଧନ ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ଚରିତ୍ର ଅଭିନେତା, ଶ୍ରେଷ୍ଠ ଖଳନାୟକ, ଶ୍ରେଷ୍ଠ ଖଳନାୟିକା, ଶ୍ରେଷ୍ଠ ଶିଶୁ କଳାକାର, ଶ୍ରେଷ୍ଠ ପାୱର୍ ଖଳନାୟକ ଓ ଖଳନାୟିକା ପୁରସ୍କାର ମିଳିଥିଲା। ପୋଲାଙ୍ଗ ଡ୍ରାମାଟିକ କ୍ଲବକୁ ଶ୍ରେଷ୍ଠ ନାୟକ, ନାୟିକା, ଶ୍ରେଷ୍ଠ ହାସ୍ୟସ୍ୱଦ ପୁରସ୍କାର ମିଳିଥିଲା। ଏହି ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାକୁ ଜଗନ୍ନାଥ ସାଂସ୍କୃତିକ ମଞ୍ଚ ଏରସମାର ସଭାପତି ତଥା ଏରସମା ଗ୍ରାମ୍ୟ କମିଟିର ସଭାପତି ଅମୂଲ୍ୟ ବିଶ୍ୱାଳ, ଜଗନ୍ନାଥ ସାଂସ୍କୃତିକ ମଞ୍ଚ ସମ୍ପାଦକ ବଳରାମ ସେଠୀ, ସହସଂପାଦକ ଜୟନ୍ତ ସେଠୀ, ଏରସମା ଗ୍ରାମ୍ୟ କମିଟି ସମ୍ପାଦକ ପ୍ରଭାକର ପଣ୍ଡା, ଲୋକନାଥ ମହାନ୍ତି, ସଚ୍ଚିଦାନନ୍ଦ ଦାସଙ୍କ ସମେତ ଜଗନ୍ନାଥ ସାଂସ୍କୃତିକ ମଞ୍ଚ ଏରସମା ଓ ଏରସମା ଗ୍ରାମ୍ୟ କମିଟିର ମୁରବୀ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିଥିଲେ।



## ସଦ୍‌ଗୁରୁ ସାନିଧ ଉତ୍ସବ

ନାଉଗାଁ,୨୭।୩ (ସମିସ): ନାଉଗାଁ ବ୍ଲକ୍ ଅନ୍ତର୍ଗତ ଅନନ୍ତ ବଳିଆ ପରିବାର ନାଉଗାଁ ଶାଖା ଆନୁକୂଲ୍ୟରେ ଶିଖର ଘାଟ ଆଶ୍ରମରେ ସଦ୍‌ଗୁରୁ ସାନିଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସଦ୍‌ଗୁରୁ ପଦ୍ମଶ୍ରୀ ବାବା ବଳିଆ ଯୋଗଦେଇ ପ୍ରବଚନ ଦେଇଥିଲେ। ଯୁବପିଢି ପଥଭ୍ରଷ୍ଟ ନ ହୋଇ ନିଶା, ମାଦକ ଦ୍ରବ୍ୟଠାରୁ ଦୂରେଇ ରହି ସମାଜ ମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ଓ ପରିବେଶର ସନ୍ତୁଳନ ରକ୍ଷା କରିବାକୁ ବୃକ୍ଷରୋପଣ କରିବା ସହିତ ସୁସ୍ଥ ସମାଜ ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ପିତାମାତା ଓ ଗୁରୁଙ୍କୁ ଭକ୍ତି, ଭଲ ପାଇବା ଓ କର୍ତ୍ତବ୍ୟ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ପରେ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ବାବାଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଗାୟକ ଅଭିମନ୍ୟୁ ନାୟକଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ତିନିଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ଆଶ୍ରମର ମାତା ଓ ଗୁରୁଭାଇ ଅକ୍ଷୟ ଭାଇ, କୁନା ଭାଇ, ଦିଲୁ ଭାଇ, ସମୀର ଭାଇ, ଜାପୁ ଭାଇ ନଖିଆ ଭାଇ, ଭାଗୁ ଭାଇ, ମଳୟ ଭାଇଙ୍କ ସମେତ ସମସ୍ତ ଗୁରୁ ଭାଇଭଉଣୀ ଯୋଗଦେଇ ସହଯୋଗ କରିଥିଲେ।



## ଚାଷଜମିରେ ଘର କରି ଗୋଚର ଜମି ଦଖଲ ଅଭିଯୋଗ

ନାଉଗାଁ,୨୭।୩ (ସମିସ): ନାଉଗାଁ ବ୍ଲକ୍ ଅଧୀନସ୍ଥ ଜାମୁଗାଁ ପଞ୍ଚାୟତର ନନ୍ଦିଗ୍ରାମରେ ୪୮୯/୩୧୪ ଖାତାରେ ଜଣେ ବ୍ୟକ୍ତି ଚାଷଜମିରେ ବିନା ଘରବାରି ନ ହୋଇ ଗୃହ ନିର୍ମାଣ କରିଛନ୍ତି। ଗୃହ ସମ୍ମୁଖରେ ଥିବା ୨୦୦ ଫୁଟର ଗୋଚର ଜମିକୁ ଦଖଲ କରାଯାଇଛି। ନନ୍ଦିଗ୍ରାମର ଜଟାଧାରୀ ରାଉତ ଏ ନେଇ ନାଉଗାଁ ତହସିଲଦାରଙ୍କ ସମେତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ନାଉଗାଁ ତହସିଲଦାର ଅକ୍ଷୟ କୁମାର ବଡୁ କହିଛନ୍ତି, ଏ ଘଟଣାର ତଦନ୍ତ କରାଯାଉଛି ଓ ଏହା ଉପରେ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ।



## ଜିଲ୍ଲା ମହୋତ୍ସବ 'କଲ୍ଲୋଳ' ପାଇଁ ପ୍ରଶାସନର ଜୋରଦାର ପ୍ରସ୍ତୁତି

ଜଗତସିଂହପୁର,୨୭।୩(ସମିସ): ଆସନ୍ତା ଏପ୍ରିଲ ୧ ତାରିଖ ଉତ୍କଳ ଦିବସଠାରୁ ୫ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲା ସଦର ମହକୁମା ଅନ୍ତର୍ଗତ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ ପରିସରରେ ପାଳିତ ହେବ ଜିଲ୍ଲା ମହୋତ୍ସବ 'କଲ୍ଲୋଳ-୨୦୨୫'। ଏଥିପାଇଁ ବିଭିନ୍ନ ଉପକମିଟି ଗଠନ କରାଯାଇଥିବାବେଳେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଜୋରଦାର ପ୍ରସ୍ତୁତି ଚାଲିଛି।

ଗତ ୨୦୧୯ ଓ ୨୦୨୪ ମସିହାରେ ସାଧାରଣ ନିର୍ବାଚନ ପାଇଁ ଜିଲ୍ଲା ମହୋତ୍ସବ ବନ୍ଦ ରହିଥିଲା। ସେହିପରି କରୋନା ମହାମାରୀ ପାଇଁ ୨୦୨୦, ୨୦୨୧ ଓ ୨୦୨୨ ମସିହାରେ ମଧ ଜିଲ୍ଲା ମହୋତ୍ସବ ହୋଇପାରି ନ ଥିଲା। ୨୦୨୩ରେ ହକି ବିଶ୍ୱକପ୍ ପାଇଁ ଓଡିଶା ସରକାରଙ୍କ ନିଷ୍ପତ୍ତିକ୍ରମେ ଏପ୍ରିଲ ୧ ତାରିଖରୁ ୫ ତାରିଖ ପରିବର୍ତ୍ତେ ଜାନୁଆରୀ ମାସ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ମହୋତ୍ସବ, ପୁସ୍ତକମେଳା ଓ ଅନ୍ୟ ସମସ୍ତ ଜିଲ୍ଲାସ୍ତରୀୟ ଉତ୍ସବ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ରେ ଏକାସାଙ୍ଗରେ ଆୟୋଜିତ ହୋଇଥିଲା। ଦୀର୍ଘ ୬ ବର୍ଷ ପରେ ଜିଲ୍ଲା ମହୋତ୍ସବ ସ୍ୱତନ୍ତ୍ର ଭାବେ ଆୟୋଜନ କରାଯାଉଥିବାବେଳେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଜିଲ୍ଲାରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେଣୁ ଉତ୍ସବ ଆୟୋଜନ ପାଇଁ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କଲାବେଳେ କିଛି ପରିମାଣରେ ତାଳମେଳ ରହୁନଥିବା ଅଭିଯୋଗ ହେଉଛି।

ସେହିପରି ମହୋତ୍ସବ ପାଇଁ ଗଠିତ ବିଭିନ୍ନ ଉପକମିଟିର ସଦସ୍ୟଙ୍କୁ ଉପେକ୍ଷା କରି ବିଭିନ୍ନ ନିଷ୍ପତ୍ତି ନିଆଯାଉଛି ବୋଲି ଅଭିଯୋଗ କରାଯାଇଛି। ଗତ ୨୬ ତାରିଖ ସନ୍ଧ୍ୟାରେ ମଞ୍ଚ ଉପ-କମିଟି ଓ ସାଂସ୍କୃତିକ ଉପକମିଟିର ମିଳିତ ବୈଠକରେ ଅନେକ ସଦସ୍ୟ ଏଭଳି ଅଭିଯୋଗ ଉଠାଇଥିଲେ। ଏପ୍ରିଲ ୧ ତାରିଖ ଉତ୍କଳ ଦିବସ, ୩ ତାରିଖ ଜିଲ୍ଲାର ସ୍ୱନକ୍ଷତ୍ର ଦିବସ ଓ ଏପ୍ରିଲ ୫ ତାରିଖ ଉଦ୍‌ଯାପନୀ ଦିବସରେ ବିଧାୟକ ଓ ମନ୍ତ୍ରୀମାନେ ମହୋତ୍ସବରେ ଅତିଥି ଭାବେ ଯୋଗଦେବେ ବୋଲି ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ଏହି ବୈଠକରେ ସୂଚନା ଦେଇଥିଲେ। ଏପ୍ରିଲ୍ ୨ରୁ ୫ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୪ଘ.୩୦ମିରୁ ୬ଘ.୩୦ମି. ପର୍ଯ୍ୟନ୍ତ ଜିଲ୍ଲାର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ସେହିପରି ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ସାଧାରଣ ସଭା ପରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ସୁପ୍ରତିଷ୍ଠିତ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ପାଇର୍ ନିଷ୍ପତ୍ତି ହୋଇଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତ ସୂଚନା ଦେଇଥିଲେ। ଜିଲ୍ଲା ମହୋତ୍ସବ ପାଳନ ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତି ଶଙ୍କର ରାୟଙ୍କ କାର୍ଯ୍ୟାଳୟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀ ରାୟଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଯୋଗଦେଇ ମହୋତ୍ସବକୁ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ହନୁମାନଜୀଉଙ୍କ ବାର୍ଷିକ ଉତ୍ସବରେ ପଦ୍ମଶ୍ରୀ ବାବାବଳିଆ



କୃଷ୍ଣାନନ୍ଦପୁର,୨୭।୩(ସମିସ): ତିର୍ତ୍ତୋଲ ବ୍ଲକ ଅଧୀନ କନୀମୂଳ ପଞ୍ଚାୟତର ଭଁଷର ଗ୍ରାମରେ ଶ୍ରୀଶ୍ରୀ ହନୁମାନ ଜୀଉଙ୍କର ୨୧ତମ ବାର୍ଷିକଉତ୍ସବ ଓ ଜ୍ଞାନଯଜ୍ଞ ଅନୁଷ୍ଠିତ ହେଉଛି। ପ୍ରାତଃ ସକାଳୁ ଯଜ୍ଞ ଆରମ୍ଭ ପାଇଁ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା କଳସଯାତ୍ରା କରାଯାଇଥିବା ବେଳେ ପରେ ସୂର୍ଯ୍ୟପୂଜା, ଗୋପୂଜା, ଅଙ୍କୁରରୋପଣ କରାଯାଇ ଯଜ୍ଞକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଉଦ୍‌ଘାଟନ ଉତ୍ସବରେ ସନ୍ଧ୍ୟାରେ ପୂଜ୍ୟପୂଜକ ବିଶ୍ୱପ୍ରେମୀ ପଦ୍ମଶ୍ରୀ ବାବାବଳିଆ ଯୋଗଦେଇ ଦିବ୍ୟଭବ୍ୟ କଥାମୃତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମଟିକୁ ଅଭୟ କୁମାର ଦାଶ ସଂଯୋଜନା କରିଥିଲେ। ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ବିଷ୍ଣୁଚରଣ ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା

ମଣିଜଙ୍ଗା,୨୭।୩(ସମିସ): ତିର୍ତ୍ତୋଲ ବ୍ଲକ୍‌ର ମଣିଜଙ୍ଗା ପଞ୍ଚାୟତ କଉଡ଼ିଆ ବାରାଇ ଗ୍ରାମର ବିଷ୍ଣୁଚରଣ ପଟ୍ଟନାୟକଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ତାଙ୍କ ଫଟୋଚିତ୍ରରେ ଫୁଲମାଲ୍ୟ ଅର୍ପଣ କରିଥିଲେ। ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ପୁତ୍ର ବିକାଶ, ବୋହୂ ପ୍ରଜ୍ଞା ପାରମିତା, ନାତିନାତୁଣୀ, ଭାଇ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



### ● ତିର୍ତ୍ତୋଲରୁ ମଣିଜଙ୍ଗା ଢଳେଇ ରାସ୍ତା କାମ ନିମ୍ନମାନର

## ରାସ୍ତାରୁ ଉଠିଲା ଗୋଡ଼ି ଓ ବାଲି; ଯାତାୟାତରେ ସମସ୍ୟା

କୃଷ୍ଣାନନ୍ଦପୁର,୨୭ ।୩(ସମିସ): ତିର୍ତ୍ତୋଲ ବ୍ଲକ ଅଧୀନ ତିର୍ତ୍ତୋଲରୁ ମଣିଜଙ୍ଗାକୁ ପଡ଼ିଥିବା ଢଳେଇ ରାସ୍ତାରେ ପ୍ରତ୍ୟେକଦିନ ମେଡିକାଲଠୁ ଆରମ୍ଭକରି ବିଭିନ୍ନ କାର୍ଯ୍ୟରେ ଜନସାଧାରଣ ଯିବା ଆସିବା କରନ୍ତି। କିନ୍ତୁ ଏହି ରାସ୍ତା ନିମ୍ନମାନର କାର୍ଯ୍ୟଯୋଗୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ଅଞ୍ଚଳବାସୀ। ଏହି କାମଟି ପଞ୍ଚାୟତରାଜ ପାନୀୟ ଜଳ ବିଭାଗ ଓଡିଶା ଅଧୀନରେ ଥିବାବେଳେ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ ଅଛି । ବିଭାଗୀୟ ଯନ୍ତ୍ରୀ ଠିକାଦାର ରୂପେ ରାଜନୈତିକ ବ୍ୟକ୍ତିବିଶେଷଙ୍କୁ କାମିଟିକୁ ଦେଇ ଦାୟିତ୍ୱ ମୁକ୍ତ ହୁଅନ୍ତି । ଯାହା ଫଳରେ ରାସ୍ତା ଅବସ୍ଥା ଏପରି ଶୋଚନୀୟ ହୋଇଛି । ସୂଚନାନୁସାରେ ବର୍ଷକୁବର୍ଷ ଏହି ରାସ୍ତାର ମରାମତି ବାବଦକୁ ଶହେ ଦେଢ଼ଶହ ମିଟର ଛାଡି କି ଛାଡି ଖାଲି ଫଳକ ଲଗେଇ ସରକାରଙ୍କ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ବର୍ଷେ କି ଛଅମାସ ନପୂରୁଣୁ ଏହି ଢଳେଇ ରାସ୍ତାରୁ କେଉଁଠି ଉଠିଲା ବାଲିତ ଆଉ କେଉଁଠି ଗୋଡି, ଆଉ ପୁଣି ଢଳେଇ ରାସ୍ତାରେ ବଡ଼ବଡ଼ ଖାଲ ଓ କେଉଁଠି ସମ୍ପୂର୍ଣ୍ଣ ବାଲି ବାହାରିଗଲାଣି। ଏଠି ସରକାରୀ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଚାଲିଛି କି ରାସ୍ତା କାମ ଯାହା ଫଳରେ ନିମ୍ନମାନର ହୋଇଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଜିଲ୍ଲାପ୍ରଶାସନ ତଦନ୍ତକରିବା ସହ ଏହି ରାସ୍ତାମରାମତି କରିବାକୁ ସାଧାରଣରେ ଦାବି ହେଉଛି।



### ଲଘୁ ଖଣିଜ ଚଢ଼ଉ ପ୍ରହସନ

## ପ୍ରଶାସନର ନାକତଳେ ପ୍ରତିଦିନ ଚାଲିଛି ମାଟି ଲୁଟ୍

ପାରାଦୀପ,୨୭।୩(ସମିସ):

ପାରାଦୀପ ଅଞ୍ଚଳରୁ ଏବେ ଦିନ ଦ୍ୱିପ୍ରହରରେ ବେଧଡକ ମାଟି ଚୋରାଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ଏଥିସହିତ କିଛି ସ୍ଥାନରେ ମାଫିଆ ରାତିରେ ମଧ ମାଟି ଲୁଟ କରୁଛନ୍ତି। ତାହା ପୁଣି ପ୍ରଶାସନର ନାକ ତଳୁ ଲୁଟ୍ ହେଉଥିବା ଅଭିଯୋଗ ହୋଇଛି। ପାରାଦୀପ ଉପକଣ୍ଠ ଲକ୍ ଥାନା ଅଧୀନ ଅଞ୍ଚଳ କୁହାଯାଉଥିବା ବିଶ୍ୱାଳି ପଞ୍ଚାୟତ ପୀତାମ୍ବରପୁର ରାସ୍ତା କଡରୁ ଦୁଇଦିନ ତଳେ ହାଇୱା ଓ ଟ୍ରାକ୍ଟରରେ ବେଧଡକ ଭାବେ ଦିନ ଦ୍ୱିପ୍ରହରରେ ମାଟି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେବା ପରେ ଲକ୍ ଥାନା ପୁଲିସ ପହଞ୍ଚିବାରୁ ମାଟି ଉଠାଣ ବନ୍ଦ ହୋଇଯାଇଥିଲା। ପୁଣି ଦୁଇଦିନ ଧରି ରେଲୱେ ଲାଇନ କଡ଼ରୁ ରାତିଅଧିଆ ମାଫିଆ ଶହ ଶହ ଟ୍ରିପ ମାଟି ନେଉଛନ୍ତି। ଉକ୍ତ ସ୍ଥାନରୁ ମାଟି ଉଠିବା ଫଳରେ ନିକଟରେ ଯାଇଥିବା ରେଲୱେ ଲାଇନ ବର୍ଷାଦିନେ ଭୁଶୁଡ଼ିବା ସମ୍ଭାବନା ସୃଷ୍ଟି ହୋଇଛି। ତେବେ ପୁଲିସ ସବୁ ଦେଖି ମଧ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନି କିମ୍ବା ବ୍ୟବହୃତ ଗାଡ଼ି ଓ ଜେସିବିକୁ ସିଜ୍ କରୁନାହିଁ। ଏହି ଲଘୁ ଖଣିଜ ଦ୍ରବ୍ୟ ଲୁଟ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ ଓ ପ୍ରଶାସନକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଉପକଣ୍ଠରୁ ସହରକୁ ବେଆଇନ ଭାବେ ଦୈନିକ ଶହ ଶହ ଟ୍ରିପ ମାଟି ଚାଲାଣ ହେଉଛି। ପୁଲିସ ଓ ପ୍ରଶାସନର ନାକ ତଳେ ଏହି କାରବାର ଚାଲିଥିବାବେଳେ କିଭଳି ସେମାନେ ଏ ଲୁଟ ସମ୍ପର୍କରେ ଜାଣିପାରୁନାହାନ୍ତି, ତାକୁ ନେଇ ସନ୍ଦେହ ଉପୁଜିଛି।



■ ଟ୍ରେନ୍ ଲାଇନ୍ ତଳୁ ଉଠୁଛି ମାଟି
■ ନିଶ୍ଚିହ୍ନ ହୋଇଗଲାଣି ସରକାରୀ ଓ ଘରୋଇ ଜମି

ସୂଚନା ମୁତାବକ, ପାରାଦୀପ ଲକ୍ ଥାନାରୁ ମାତ୍ର ୩/୪ କିଲୋମିଟର ମଧ୍ୟରେ ଥିବା ସରକାରୀ ଓ ଘରୋଇ ଜମିରୁ ଦିନରାତି ଭୁଲ ନମ୍ବର ଓ ନମ୍ବର ନ ଥିବା ଜେସିବି ମେସିନ, ଟ୍ରାକ୍ଟର ଓ ହାଇୱା ଲଗାଇ ଶହ ଶହ ଟ୍ରିପ ମାଟି ଉଠାଯାଇ ସହରର ବିଭିନ୍ନ ଅଞ୍ଚଳକୁ ନିଆଯାଉଛି। ଏଥିସହ ମାଟି ଆଣିବା ବେଳେ ସହର ରାସ୍ତାରେ ଗାଡ଼ିଗୁଡିକ ବେପରୁଆ ଭାବେ ଚଳାଚଳ କରୁଥିବାରୁ ବଡ଼ଧରଣର ଦୁର୍ଘଟଣା ଘଟିବା ଆଶଙ୍କା ରହୁଛି। ଅନ୍ୟପକ୍ଷରେ ମାଫିଆମାନେ ଏବେ ପାରାଦୀପ-ଚଣ୍ଡିଖୋଲ ରାସ୍ତାର ଉଭୟ ପାଶ୍ୱର୍ କେନ୍ଦ୍ରାପଡ଼ା ଜିଲ୍ଲା ସୀମାରୁ ମଧ ଦିନରାତି ମାଟି ଲୁଟ୍ କରୁଛନ୍ତି। ଏହି ମାଟିକୁ ପାରାଦୀପ ସହରରେ ପକାଉଛନ୍ତି। ମାଟି ଗାଡ଼ି କେନ୍ଦ୍ରାପଡ଼ା ସହର ପାର ହୋଇ ପାରାଦୀପକୁ ଆସିବାବେଳେ ବାଟରେ ମଧ କେତେକ ଥାନା ପାର ହେବାକୁ ପଡୁଛି। ସେହି ଜାଗାରେ ପୁଲିସ କିଭଳି ଏଭଳି ବେଆଇନ ମାଟି ଗାଡ଼ି ଧରୁନାହିଁ, ତାକୁ ନେଇ ମଧ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ କିମ୍ବା ଚାଲାଣକୁ କିଭଳି ପ୍ରଶାସନ ପ୍ରଶ୍ରୟ ଦେଉଛି, ତାହା ଏବେ ଆଲୋଚନାର ବିଷୟ ପାଲଟିଛି। ଏଥିପ୍ରତି ରୀତିମତ ପୁଲିସ ଚଢ଼ଉ କରିବା ସହ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଜିଲ୍ଲା ପ୍ରଶାସନ ଲଘୁ ଖଣିଜ ଲୁଟ୍ ଉପରେ କଡ଼ା ନଜର ରଖିଥିବାବେଳେ ପାରାଦୀପ ଉପକଣ୍ଠ ଅଞ୍ଚଳରୁ କିଭଳି ଏଭଳି ମାଟି ଲୁଟ କରାଯାଉଛି। ଏହି କଡ଼ା ଆଭିମୁଖ୍ୟ ମାଫିଆଙ୍କ ଉପରେ ତିଳେମାତ୍ର ପ୍ରଭାବ ପକାଉ ନ ଥିବା ଜଣାପଡିଛି। ସାଧାରଣ ଲୋକଟିଏ ଘର କଲେ ଆବଶ୍ୟକ ବାଲି କିମ୍ବା ମାଟି ଆଣିବା ପାଇଁ ରାଜସ୍ୱ ବିଭାଗରୁ ଅନୁମତି ଆଣିବାକୁ ପଡୁଛି। ତେବେ ମାଫିଆ ପ୍ରଶାସନ ନାକତଳେ ବେଆଇନ ଭାବେ ଶହ ଶହ ଟ୍ରିପ ମାଟି ଓ ବାଲି କିଭଳି ଚୋରା ଚାଲାଣ କରୁଛନ୍ତି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ନିର୍ମାଣ ପରଠୁ ପେଣ୍ଠ ପାନୀୟଜଳ ପ୍ରକଳ୍ପ ଓଭରହେଡ୍ ଟାଙ୍କି ଅଚଳ

# ହୋଇପାରୁନି କାର୍ଯ୍ୟକ୍ଷମ, ଜଳଯୋଗାଣରେ ଉପୁଜୁଛି ସମସ୍ୟା

ମାର୍ଶାଘାଇ,୨୭।୩(ସମିସ):

ଗ୍ରାମାଞ୍ଚଳରେ ପାନୀୟଜଳ ସୁପରିଚାଳନା ଓ ସଂରକ୍ଷଣ ନିମନ୍ତେ ପାନୀୟଜଳ ପ୍ରକଳ୍ପ ପାଇଁ ୨୦୦୮-୦୯ ଆର୍ଥିକ ବର୍ଷରେ ୨୫ ଲକ୍ଷ ବ୍ୟୟରେ ଓଭରହେଡ୍ ପାଣିଟାଙ୍କି ନିର୍ମାଣ କରାଯାଇଥିଲା। ନିର୍ମାଣ ପରଠୁ ଟାଙ୍କି ତଳପଟୁ ପାଣି ଝରିବାରୁ ଦୀର୍ଘବର୍ଷ ଧରି ବନ୍ଦ ରଖାଯାଇଛି। ବାରମ୍ବାର ମରାମତି ସତ୍ତ୍ୱେ ପାଣିଟାଙ୍କି କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଅସନ୍ତୋଷ ତେଜୁଛି। ପେଣ୍ଠ ପାନୀୟଜଳ ପ୍ରକଳ୍ପ କ୍ଷେତ୍ରରେ ଏହା ଦେଖିବାକୁ ମିଳୁଛି।

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ପେଣ୍ଠ ପାନୀୟଜଳ ପ୍ରକଳ୍ପ ପରିସରରେ ୫୦ ହଜାର ଲିଟର ଓଭରହେଡ୍ ପାଣିଟାଙ୍କି ନିର୍ମାଣ ପରଠୁ ଆଦୌ କାର୍ଯ୍ୟକ୍ଷମ ହେଇନାହିଁ। ଏହି ପାଣିଟାଙ୍କି ଉପରେ ପେଣ୍ଠ, ବନ୍ଧକଟା, ବାଲିକୁଦା, କୂଳସାହିର ପ୍ରାୟ ୧୨୦୦ ଶହ ପରିବାର ନିର୍ଭରଶୀଳ। ତେବେ ଜଳ ସଂରକ୍ଷଣ ସୁବିଧା ଓ ତଳମୁଣ୍ଡକୁ ଜଳଯୋଗାଣ ସମ୍ଭବପର ହେଉ ନ ଥିବା ଅଭିଯୋଗ ହେଉଛି। ଦୁଇବର୍ଷ ପୂର୍ବେ ବସୁଧା ଯୋଜନାରେ ରଙ୍ଗମରାଯାଇ ରୂପାନ୍ତରିତ କାର୍ଯ୍ୟ କରାଯାଇ ମଧ୍ୟ ପାଣିଟାଙ୍କି ଲୋକଙ୍କ କାର୍ଯ୍ୟରେ ଲାଗୁନାହିଁ। ଏଭଳି ଅଭିଯୋଗ ହେବା ପରେ ବିଭାଗୀୟ ଅଧିକାରୀ ଟାଙ୍କି ଯାଞ୍ଚ କରି ନିଜ ମୁଣ୍ଡରୁ ଦୋଷ ଖସାଇ ଚାଲିଯାଉଛନ୍ତି। ସରକାରୀ ଅର୍ଥରେ ଓଭରହେଡ୍ ଟାଙ୍କି ଲୋକଙ୍କ କାମରେ ଆସୁନାହିଁ। ଦୀର୍ଘ ବର୍ଷ ହେବ ଅଚଳ ଅବସ୍ଥାରେ ପଡ଼ିଥିବା ଟାଙ୍କିକୁ ବିପଦସଂକୁଳ ଘୋଷଣା କରିବା ସହ ୧ ଲକ୍ଷ ଲିଟର ବିଶିଷ୍ଟ ନୂତନ ପାଣିଟାଙ୍କି ନିର୍ମାଣ କରିବା ଦାବିକୁ ବିଭାଗ କର୍ଣ୍ଣପାତ କରୁନାହିଁ। ଯେଉଁ ସମୟରେ



ପାଣିଟାଙ୍କିରେ ପାଣି ଭରାଯାଏ ସେ ସମୟରେ ଟାଙ୍କି ଦୋହଲିବା ଦ୍ୱାରା ତତ୍କ୍ଷଣାତ ପାଣି ଡ୍ରେନ କରାଯାଇ ସୁରକ୍ଷିତ ରଖାଯାଇଛି। ଏହି ପାଣି ଟାଙ୍କିକୁ ଏକାଧିକ ବାର ମରାମତି କରାଯାଇ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ସାରିଲାଣି। ତେବେ ଓଭରହେଡ଼ ଟାଙ୍କି ଆଦୌ କାର୍ଯ୍ୟରେ ଲାଗୁନାହିଁ।

ନିକଟରେ ସରକାରଙ୍କ ରୂପାନ୍ତରୀକରଣ ଯୋଜନାରେ ୫ ଲକ୍ଷ ବ୍ୟୟରେ ପାଣିଟାଙ୍କି କେବଳ ରଙ୍ଗ ମରାଯାଇ ଚକଚକ୍ କରାଯାଇଛି। ହେଲେ ପାଣିଟାଙ୍କି ସଚଳ ହୋଇପାରୁନାହିଁ। ଠିକାସଂସ୍ଥା ଅତ୍ୟନ୍ତ ନିମ୍ନମାନର କାମ କରୁଥିବା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଅଧିକାରୀ ଲୋକଙ୍କ ଅଭିଯୋଗ ପ୍ରତି ଗୁରୁତ୍ୱ ନ ଦେଇ ଠିକାସଂସ୍ଥାକୁ ସୁରକ୍ଷା ଦେଇଥିବା ଅଭିଯୋଗ ହେଉଛି। ଏହି ଓଭରହେଡ୍ ପାଣିଟାଙ୍କି ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁଁ ତଳପଟୁ ପାଣି ଝରିବାରୁ ବିଭାଗ ପକ୍ଷରୁ ମରାମତି କରାଯାଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟକ୍ଷମ କରାଯାଉନାହିଁ। ୧୫ ବର୍ଷ ଧରି ଓଭରହେଡ୍ ଟାଙ୍କି ଏଭଳି ଅବସ୍ଥାରେ ପଡ଼ିରହିଥିବାବେଳେ କେଉଁ ପରିସ୍ଥିତରେ ବିଭାଗ ପକ୍ଷରୁ ବସୁଧା ଯୋଜନାରେ ଏହାକୁ କାର୍ଯ୍ୟକ୍ଷମ କରାଯାଉନାହି, ସେ ସମ୍ପର୍କରେ ପ୍ରଶାସନ ପକ୍ଷରୁ ଉତ୍ତର ମିଳୁନି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ବସନ୍ତ ସେଠୀ, ବ୍ଲକ୍ କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ସିଂଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେମାନେ ଫୋନ୍ ଉଠାଇ ନ ଥିଲେ। ବିଭାଗ ତୁରନ୍ତ ବିପଦସଂକୁଳ ଅଚଳ ଟାଙ୍କି ଭାଙ୍ଗି ନୂତନ ୧ ଲକ୍ଷ ଲିଟର ବିଶିଷ୍ଟ ଟାଙ୍କି ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

## ମା' ଦରିଆ ରାମଚଣ୍ଡୀଙ୍କ ମେଳା ପାଇଁ ପ୍ରସ୍ତୁତି ବୈଠକ



ମହାକାଳପଡ଼ା,୨୭।୩(ସମିସ):ମହାକାଳପଡ଼ା ବ୍ଲକ୍‌ର ପ୍ରସିଦ୍ଧ ଶକ୍ତିପୀଠ ରାମନଗରର ମା' ଦରିଆ ରାମଚଣ୍ଡୀଙ୍କ ପଣାସଂକ୍ରାନ୍ତୀ ଅବସରରେ ହେଉଥିବା ପ୍ରସିଦ୍ଧ ମେଳା ପାଇଁ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସରୋଜକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ଓଡ଼ିଶାର ଦିବଙ୍ଗତ ରାଜନେତା ଦେବେନ୍ଦ୍ର ପ୍ରଧାନଙ୍କ ଦେହାନ୍ତରେ ଶୋକବ୍ୟକ୍ତ କରିବା ସହ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ପ୍ରସିଦ୍ଧ ରାମଚଣ୍ଡୀ ମେଳାକୁ ସରସ ସୁନ୍ଦର କରିବା ପାଇଁ ଆଲୋଚନା କରାଯାଇଥିଲା। ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକଙ୍କ ପରାମର୍ଶକ୍ରମେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ମହାକାଳପଡ଼ା ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ରଞ୍ଜନ ଚୌଧୁରୀ, ପ୍ରଶାନ୍ତ ସେଠୀ, ତରୁଣକାନ୍ତି କାଞ୍ଜିଲାଲ, ଜୀବନାନନ୍ଦ ସାହୁ, ହଳଧର ସ୍ୱାଇଁ, ହିରଣ୍ୟ ମହାପାତ୍ର, ପ୍ରଦୀପ ବେହେରା, ତ୍ରିଲୋଚନ ରାଉତ, ରବୀନ୍ଦ୍ର ରକ୍ଷିତ, ହିମାଂଶୁ ପ୍ରଧାନ, ମିଳନ ଦେବନାଥ, ପ୍ରସନ୍ନ ସାହୁ, କୁମରକାନ୍ତ ମହାନ୍ତି, ଚନ୍ଦ୍ରକାନ୍ତ ସ୍ୱାଇଁ, ବାରେଣୀ ଭୂୟାଁ, ଅଭିରାମ ପରିଡ଼ା, ଅଶୋକ ପରିଡ଼ା, ସଞ୍ଜୟ ଦଳାଇ ପ୍ରମୁଖ ନିଜର ମତ ପ୍ରଦାନ କରିଥିଲେ। ଜୟଦେବ ମଣ୍ଡଳ, ପବିତ୍ର ମୋହନ ଅଧିକାରୀ, ସରୋଜ କାନ୍ତ ସ୍ୱାଇଁ, ସୁକାନ୍ତ ଦାସ, ଧନୁର୍ଜୟ ମିର୍ଦ୍ଧା, ଭବେନ ମଣ୍ଡଳ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

## ● ତୁଳସୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

# 'ଶିକ୍ଷା ସହ ସୁଚରିତ୍ର ଗଠନ ଏକାନ୍ତ ଆବଶ୍ୟକ'




କେନ୍ଦ୍ରାପଡ଼ା,୨୭।୩(ସମିସ): କେନ୍ଦ୍ରାପଡା ସହରସ୍ଥ ଇଚ୍ଛାପୁରଠାରେ ଥିବା ତୁଳସୀ ବିଦ୍ୟା ମନ୍ଦିରର ୩୨ତମ ବାର୍ଷିକ ଉତ୍ସବ ସଭାପତି ନିରଞ୍ଜନ ସୁଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ସହିତ ସୁଚରିତ୍ର ଗଠନ ଏକାନ୍ତ ଜରୁରୀ ବୋଲି ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଯୋଗଦେଇ କୁନିକୁନି ପିଲାମାନଙ୍କୁ ଉପଦେଶ ଦେଇଛନ୍ତି। ବିଦ୍ୟାଳୟର ସମ୍ପାଦକ ରବିନ୍ଦ୍ର କୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ରାପଡା ପୌରାଧ୍ୟକ୍ଷା ସରିତା ସାହୁ, ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ସିଆରସିସି ବିଭୁ ପ୍ରସାଦ ନାୟକ, କାଉନସିଲର କାଳୀ ପ୍ରସାଦ ମିଶ୍ର, ପୁଷ୍ପଲତା ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ମିନାକ୍ଷୀ ବେହେରା ଏହି ସଭାରେ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଗୁରୁଜୀ ନିରଞ୍ଜନ ବସନ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁଜୀ ଓ ଗୁରୁମା ତଥା ଗଣେଶ ଚନ୍ଦ୍ର ଦାସ, ଶୁଭ୍ରକାନ୍ତୀ ବେହେରା, ଲିଲି ପରିଡା, ମୋନାଲିସା ନାୟକ, ବିଜୟଲକ୍ଷ୍ମୀ ମଲ୍ଲ, ପ୍ରତୀକ୍ଷା ଜେନା, ସଙ୍ଗୀତା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା

# ପୂର୍ବତନ ବିଧାୟକଙ୍କ ସ୍ମୃତିଚାରଣ ସଭା



ରାଜକନିକା,୨୭।୩(ସମିସ): ଆଳି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତିର ମୁଖ୍ୟ ଉପଦେଷ୍ଟା ଦେବେନ୍ଦ୍ରନାଥ ଶର୍ମା (୬୬)ଙ୍କ ବିୟୋଗରେ ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ସ୍ମୃତିଚାରଣ ସଭା ଅନ୍ଧାରଘରଣୀ ପୀଠ ଓ ଅଚ୍ୟୁତପୁର ହାଟଠାରେ ଅନୁଷ୍ଠିତ ହୋଇଯାଇଛି। ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତିର ସମ୍ପାଦକ ବିଧାନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମିତିର କର୍ମକର୍ତ୍ତା ଓ ସଭ୍ୟମାନେ ପ୍ରଥମେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ସାମାଜିକ କର୍ମୀ କପିଳ ଚରଣ ମିଶ୍ରଙ୍କ ଦ୍ୱାରା ଗୀତା ପାଠ କରାଯାଇଥିଲା। ଦେବେନ୍ଦ୍ର ଶର୍ମା ସବୁବେଳେ ନିର୍ବାଚନମଣ୍ଡଳୀର ବିକାଶ ଦିଗରେ ଚିନ୍ତା କରୁଥିଲେ। ଏହାବ୍ୟତୀତ ଖରସ୍ରୋତା ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ସଭାରେ ମଙ୍ଗୁଳି ଚରଣ ବେହେରା, ନିରଞ୍ଜନ ସାହୁ, ପ୍ରେମ କୁମାର ପାତ୍ର, ରବୀନ୍ଦ୍ରନାଥ ସ୍ୱାଇଁ, ନାରୀନେତ୍ରୀ ସବିତା ବରଜ, ଶରତ ରାଉତ, ପ୍ରଦୀପ କୁମାର ମଲିକ, ରମାକାନ୍ତ ନାୟକ, ହଳଧର ମଲ୍ଲିକ, ଦୁର୍ଯ୍ୟୋଧନ ମହାନ୍ତି, ରଞ୍ଜନ କୁମାର ମଲ୍ଲିକ, ମୁରଲୀଧର ବେହେରା, କପିଳ ଚରଣ ମିଶ୍ର, ପ୍ରଦୀପ ପଣ୍ଡା, ରବୀନ୍ଦ୍ରନାଥ ସାମଲ, ଉମେଶ ଚନ୍ଦ୍ର ପରିଡ଼ା, କାଳୀପ୍ରସାଦ ନାୟକ, ସୁବାସ ଚନ୍ଦ୍ର ସାହୁ ଓ ରବିନାରାୟଣ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ସଭ୍ୟ ଉପସ୍ଥିତ ଥିଲେ।

## ହୃଦ୍‌ଘାତରେ କାଠୁରିଆଙ୍କ ମୃତ୍ୟୁ

ପଞ୍ଚୁପାଣ୍ଡବ,୨୭ ।୩(ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମର ରବୀନ୍ଦ୍ର ସେଠୀ (୫୮)ଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି।ରବୀନ୍ଦ୍ର ପ୍ରତି ଦିନ ଭଳି ମଙ୍ଗଳବାର ଦିନ ବି ଘର କାମରେ ବ୍ୟସ୍ତ ଥିଲେ କିନ୍ତୁ ରାତି ପ୍ରାୟ ଦଶଟା ବେଳକୁ ହଠାତ୍ ଦେହ ଅସୁସ୍ଥ ହୋଇଥିଲା।ଘର ଲୋକେ ତାଙ୍କୁ ଡେରାବିଶ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କର ଅଧିକ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରା ଯାଇଥିଲା। କଟକରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଦିନ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା।ସେ ଜଣେ କାଠୁରିଆ ଭାବେ ଗ୍ରାମରେ କାମ କରନ୍ତି।ଏହାର ଖବର ପାଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।ସ୍ଥାନୀୟ ସରପଞ୍ଚ ମୋହନ ଚରଣ ସାହୁ ଆସି ସରକାରୀ ସହାୟତା ଦେବା ସହ ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ।ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ବେଳେ ପୁଅ କାଳନ୍ଦୀ ସେଠୀ ମୁଖାଗ୍ନି ଦେଇଥିଲେ।

## ଯୁବକ ମସ୍ତିଷ୍କାଘାତରେ ପୀଡ଼ିତ

# କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟିର ସହାୟତା

ଡେରାବିଶ, ୨୭।୩(ସମିସ): ଡେରାବିଶ ବ୍ଲକ୍ ପଲେଇ ପଞ୍ଚାୟତ ଅନ୍ତର୍ଗତ କନ୍ଦରପୁର ଗ୍ରାମର ମସ୍ତିଷ୍କାଘାତ କାରଣରୁ ସ୍ନାୟୁଜନିତ ରୋଗରେ ଦୀର୍ଘ ତିନିବର୍ଷ ଧରି ପୀଡ଼ିତ ଯୁବକଙ୍କ ଚିକିତ୍ସା ନିମନ୍ତେ କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି ପକ୍ଷରୁ ଆଜି ସୋସାଇଟିର ସଭାପତି ପ୍ରମୋଦ କୁମାର ସାହୁ ୧୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଛନ୍ତି। କନ୍ଦରପୁର ଗ୍ରାମର ପ୍ରବୀର କୁମାର ସ୍ୱାଇଁଙ୍କ ରୋଜଗାରକ୍ଷମ ପୁତ୍ର ଦୀପକ ପ୍ରସାଦ ସ୍ୱାଇଁ (୨୫) ତିନିବର୍ଷ ପୂର୍ବେ ଭୁବନେଶ୍ୱରରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ମୁଣ୍ଡରେ ଗୁରୁତର ଆଘାତ ପାଇବା ପରେ ସ୍ନାୟୁଜନିତ ରୋଗରେ ସେ ଶଯ୍ୟାଶାୟୀ ହୋଇପଡ଼ିଛନ୍ତି। ଏହି ରୋଗର ଚିକିତ୍ସା ଅତ୍ୟନ୍ତ ବ୍ୟୟବହୁଳ ହୋଇଥିବାବେଳେ ଦୀପକଙ୍କ ବାପା ଶ୍ରୀ ସ୍ୱାଇଁ ଏବେ ଆର୍ଥିକ ଦୁରବସ୍ଥା ଦେଇ ଗତି କରୁଛନ୍ତି।



ଖବର ପାଇ କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟିର ସଭାପତି ଶ୍ରୀ ସାହୁ, ମୁଖ୍ୟ ଶାଖାର ବରିଷ୍ଠ ପରିଚାଳକ ପଙ୍କଜ ମଲିକ, କର୍ମଚାରୀ ପ୍ରତାପ ଜେନା, ଦୈନିକ ଜମା ସଂଗ୍ରହକାରୀ ଏଜେଣ୍ଟ ଅମିତ ଦାସ ପ୍ରମୁଖ ଦୀପକଙ୍କ ଘରେ ପହଞ୍ଚି ବାପା ପ୍ରବୀରଙ୍କୁ ଚିକିତ୍ସା ନିମନ୍ତେ ୧୦ ହଜାର ଟଙ୍କା ପ୍ରଦାନ କରିବା ସହ ଆବଶ୍ୟକ ହେଲେ ଅଧିକ ସହାୟତା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସହାୟତା ରାଶି ପ୍ରଦାନ ବେଳେ ୱାର୍ଡ ସଭ୍ୟ ସୁଧାଂଶୁ ଲେଙ୍କାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟିର କାର୍ଯ୍ୟକାରୀ ପରିସୀମା ଅବିଭକ୍ତ କଟକ ଜିଲ୍ଲା ମଧ୍ୟରେ ବିଭିନ୍ନ ସମୟରେ ଅସହାୟ ରୋଗୀ, ଉଚ୍ଚଶିକ୍ଷା ପାଇଁ ଗରିବ ମେଧାବୀ ଛାତ୍ର, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନଙ୍କୁ ସହାୟତା, ଆନ୍ତର୍ଜାତିକ, ଜାତୀୟ ଓ ରାଜ୍ୟସ୍ତରୀୟ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିଆସୁଛି।

## ବିବେକାନନ୍ଦ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ



ପଟ୍ଟାମୁଣ୍ଡାଇ,୨୭।୩ (ସମିସ): ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ପବ୍ଲିକ୍ ସ୍କୁଲ ପରିସରରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରୁ ବିଦାୟ ନେଉଥିବା ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ପରିଚାଳକ ଦେବାଶିଷ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ପ୍ରଣିତା ଶୁଭଦର୍ଶିନୀ ଖିଲାର ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ଗୁରୁମା ଓ ଶିଶୁମାନେ ମିଳିତ ଭାବେ ବିଦାୟ ସମ୍ବର୍ଦ୍ଧନା ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ/ ଗୁରୁମା କୁସୁମପ୍ରଭା ବାରିକ, ରଞ୍ଜିତା ପଣ୍ଡା, ରଶ୍ମିତା ପରିଡ଼ା, ସୁନୀତା ମଲ୍ଲିକ, ପ୍ରଜ୍ଞାରେଖା ପରିଡ଼ା, ସନ୍ତୋଷିନୀ ଦାଶ, ମିଲି ରାଉତ, ଶ୍ରଦ୍ଧାଞ୍ଜଳି ସାହୁ, ରୋସ୍ନା ପ୍ରଧାନ, ଅନୀସା ରାଉତ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଏହି ଅବସରରେ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଗୁରୁମା ଗାୟତ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପବିତ୍ରପଡ଼ା ଶ୍ରୀରାମ ନବମୀ ପ୍ରସ୍ତୁତି ବୈଠକ

ଡେରାବିଶ,୨୭।୩(ସମିସ): ଡେରାବିଶ ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀଧରପୁର ଗ୍ରାମର ବଟଗୋସେଇଁ ମଣ୍ଡପରେ ଚଳିତ ବର୍ଷର ଶ୍ରୀରାମ ନବମୀ ଯାତ୍ରାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଟମହାପୁରୁଷ ଗ୍ରାମ୍ୟ କମିଟି ସଭାପତି ସ୍ମାରକ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ କମିଟିର ଉପଦେଷ୍ଟା ବରିଷ୍ଠ ସଦସ୍ୟ ରଘୁନାଥ ଦାସ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଶ୍ରୀରାମ ନବମୀ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଚଳିତ ବର୍ଷ ଯାତ୍ରାର ମହନ୍ତ ଭାବେ ଅନନ୍ତ ଚରଣ ସାହୁ, ସହକାରୀ ମହନ୍ତ ଭାବେ ମୃତ୍ୟୁଞ୍ଜୟ ସାହୁ, ସହଯୋଗୀ ମହନ୍ତ ସୁବ୍ରତ କୁମାର ବେହେରାଙ୍କୁ ମନୋନୀତ କରାଯାଇଥିଲା। ସେହିପରି ପରିଚାଳନା ପାଇଁ ହିମାଂଶୁ ଶେଖର ରାଉଳ ମୁଖ୍ୟ ସଂଯୋଜକ, ଅସିତ କୁମାର ଦାସ ସହସଂଯୋଜକ ଭାବେ ମନୋନୀତ ହୋଇଥିବାବେଳେ ସମ୍ପାଦକ ଭାବେ ଚନ୍ଦନ ସାହୁ, ସହସମ୍ପାଦକ ଭାବେ ଚନ୍ଦନ ସେଠୀ ଓ କୋଷାଧ୍ୟକ୍ଷ ଭାବେ ଅକ୍ଷୟ ରାଉଳ ମନୋନୀତ ହୋଇଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ଯଥାରୀତି ଉତ୍ସବ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ଶ୍ରୀରାମ ନବମୀ, ମହାବୀର ଜୟନ୍ତୀ ଓ ଦାଣ୍ଡ ଯାତ୍ରା ଅନୁଷ୍ଠିତ ହେବ। ଏପ୍ରିଲ ୬ରୁ ୧୭ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରାମାୟଣ ଅଭିନୀତ ହେବ ବୋଲି ସଭାପତି ଶ୍ରୀ ମହାନ୍ତି ସୂଚନା ଦେଇଥିଲେ।

# ଟାଟା ପାୱାରର ଗ୍ରାହକଙ୍କୁ ଅଶାଳୀନ ବ୍ୟବହାର ନେଇ ଏତଲା

ରାଜକନିକା,୨୭।୩(ସମିସ):ଦିନକୁ ଦିନ ଟାଟା ପାୱାର କର୍ମଚାରୀମାନଙ୍କର ଦୁର୍ବ୍ୟବହାର ସୀମା ଟପି ଥିବା ବେଳେ ଆଜି ଅପରାହ୍ନରେ ରାଜକନିକା ସେକ୍ସନ ଟିପିସିଓଏଲ ର କର୍ମଚାରୀ ବିଦ୍ୟୁତ ବିଲ ପାଇଁ ଜୁଲମ କରି ଜାତିଆଣ ଆକ୍ଷେପ କରିବା ନେଇ ରାଜକନିକା ଥାନାରେ ଏତଲା ହୋଇଛି । ଘଟଣା ମୁତାବକ ଟାଟା ପାୱାର ଟିପିସିଓଏଲ ରାଜକନିକା ସେକ୍ସନ ପକ୍ଷରୁ କର୍ମଚାରୀମାନେ ବକେୟା ବିଜୁଳି ବିଲ କଲେକ୍ସନ ପାଇଁ ଆଜି ଅପରାହ୍ନରେ ବାଘବୁଦା ଗାଁର ଜିତା ଦାସଙ୍କ ଘରକୁ ଯାଇଥିଲେ । ବକେୟା ବାବଦ ୫୦ ହଜାର ଟଙ୍କା ଅର୍ଥରୁ କିଛି ଅର୍ଥ ସମ୍ପୃକ୍ତ ଗ୍ରାହକ ଦେଉଥିବା ବେଳେ କର୍ମଚାରୀ ମାନେ ତାହା ନ ଆଣି ଅଧିକ ଅର୍ଥ ଦାବି କରିଥିଲେ। ଅର୍ଥ ନ ମିଳିବାରୁ ଜୋର ଜବରଦସ୍ତ ଖୁଣ୍ଟରେ ଚଢି ଦୁଇ ଲାଇନମ୍ୟାନ ବିଜୁଳି ସଂଯୋଗ କାଟିବାକୁ ଉଦ୍ୟମ କରିବାରୁ ତାଙ୍କୁ ଜିତା ଦାସ ଓ ତାଙ୍କ ଝିଅ ପ୍ରତିପ୍ରଜ୍ଞା ଜେନା ବାରଣ କରିଥିଲେ।ଏଥିରେ ଉତକ୍ଷିପ୍ତ ହୋଇ ଲାଇନମ୍ୟାନ ମା ଓ ଝିଅ ଦୁଇ ଜଣକୁ ଜାତିଆଣ ଆକ୍ଷେପ କରିଥିବା ଆଜି ଥାନାରେ ଏତଲା ହୋଇଛି।ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହେବାରୁ ଟାଟା ପାୱାର କର୍ମଚାରୀ ଗାଡିଛାଡି ପଳାଇ ଆସିବା ପରେ ନିଜର ସୁରକ୍ଷା ପାଇଁ ପାଲଟା ଏତଲା ଦିଆଯିବା ପରେ ପୁଲିସ ଘଟଣାସ୍ଥଳରୁ ଗାଡିକୁ ଉଦ୍ଧାର କରିଛି। ତେବେ ଟାଟା ପାୱାର ଟିପିସିଓଏଲ ପକ୍ଷରୁ ରାଜକନିକା ସେକ୍ସନ ଏଟ ଏତଲା ଦେଇ ସେମାନେ ବକେୟା ମାଗିବାକୁ ଯାଇଥିବା ବେଳେ ତାଙ୍କ ଦୁଇ କର୍ମଚାରୀଙ୍କୁ ଗାଳି ଗୁଲଜ କରାଯାଇଥିବା ଅଭିଯୋଗ ହୋଇଛି ।ଘଟଣାଟି ରାଜକନିକାର ବିଦ୍ୟୁତ ଗ୍ରାହକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି।

# ପୂର୍ବତନ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କ ସ୍ମୃତିସଭା

କେନ୍ଦ୍ରାପଡ଼ା,୨୭।୩(ସମିସ): କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ କଂସାର ପଞ୍ଚାୟତର ପୂର୍ବତନ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କ ସ୍ମୃତିସଭା ସ୍ଥାନୀୟ ଇଶାନଶ୍ୱର ମହାଦେବଙ୍କ ନିକଟରେ ସରପଞ୍ଚ ସରୋଜିନୀ ନାୟକଙ୍କ ସଭାପତିତ୍ୱରେ ଆଜି ଅନୁଷ୍ଠିତ



ହୋଇଯାଇଛି। ଏହି ସଭାରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ଶ୍ରୀ ନାୟକ କହିଲେ, ସ୍ୱର୍ଗତ ପଣ୍ଡା ସରପଞ୍ଚ ଥିବା ସମୟରେ ବହୁବିଧ ଉନ୍ନତି କରିଥିଲେ। ଜଣେ ଜନପ୍ରତିନିଧି ଭାବେ ସେ କେବଳ କଂସାର ପଞ୍ଚାୟତ ନୁହେଁ, ସମଗ୍ର ଜିଲ୍ଲାରେ ବେଶ୍ ଲୋକପ୍ରିୟ ଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, କେନ୍ଦ୍ରାପଡା ପୌରାଧ୍ୟକ୍ଷ ସରିତା ସାହୁ, ପୂର୍ବତନ କେନ୍ଦ୍ରାପଡା ବ୍ଲକ୍ ଅଧ୍ୟକ୍ଷ ଶିବପ୍ରସାଦ ଭଳ ଓ ପ୍ରଦୀପ୍ତ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ବ୍ଲକ ଅଧ୍ୟକ୍ଷ ରଶ୍ମିତା ସେଠୀ, ସ୍ୱର୍ଗତା ପଣ୍ଡାଙ୍କ ସ୍ୱାମୀ ତଥା କେନ୍ଦ୍ରାପଡା ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ରାଜନେତା ରବି ସାମଲ, ଅମ୍ବିକା ପ୍ରସାଦ ପରିଡା, ସୁର ଜେନା, ସାମାଜସେବୀ ରଞ୍ଜିତ ସାହୁ, ଯୁବନେତା ରାଜେଶ ଦାସ, ସାମ୍ବାଦିକ ପରେଶ ଦାସ ଓ ସୋମନାଥ ସାହୁ, ମଧୁମତୀ ଅଗ୍ରୱାଲ, ରାଜେଶ ପଣ୍ଡା, ଆଲୋକ ସାହୁ, ପୂର୍ବତନ ପୌରାଧ୍ୟକ୍ଷ ଧିରେନ ସାହୁ, କାଉନ୍‌ସିଲର କାଳୀପ୍ରସାଦ ମିଶ୍ର, ପୂର୍ବତନ କାଉନ୍‌ସିଲର ହିରଣ୍ୟ କୁମାର ପଣ୍ଡା, ପ୍ରଶାନ୍ତ କୁମାର ସିଂ, ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ଜେନା, ବିଜେଡି ନଗର ସଭାପତି ଯଯାତି କେଶରୀ ମହାନ୍ତି, ଶ୍ରୀକାନ୍ତ ପଣ୍ଡା, ବିଜୟ ପତି ପ୍ରମୁଖ ଶ୍ରୀ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଅଶ୍ୱିନୀ ପାତ୍ର, ପ୍ରସନ୍ନ ରାଉତ, ସମିତିସଭ୍ୟ ଅକ୍ଷୟ ସାହୁ, ଚନ୍ଦ୍ରମଣି ବେହେରା, ଅଭିମନ୍ୟୁ ମହାନ୍ତି, କୈଳାସ ପ୍ରଧାନ, ବାସୁଦେବ ଜେନା, ସରୋଜ କାନ୍ତ ପଣ୍ଡା, ଅନାମ ଖଟୁଆ, ଦାମୋଦର ଜେନା, ପୂର୍ବତନ ଜିଲ୍ଲା ପରିଷଦ ଜ୍ୟୋତ୍ସ୍ନାରାଣୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଖଲାରେଶ୍ୱର ଓ ପଞ୍ଚୁପାଣ୍ଡବରେ ବାରୁଣୀ ଯାତ୍ରା

# ଲୁଣାନଦୀ ଓ ଗୋବରୀରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ଡେରାବିଶ,୨୭।୩(ସମିସ):

ଡେରାବିଶ ବ୍ଲକ୍ ଯଁଆରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ଣ୍ଣାମୂଳସ୍ଥ ପ୍ରସିଦ୍ଧ ଶୈବପୀଠ ଖଲାରେଶ୍ୱରଙ୍କ ମନ୍ଦିର ବେଢ଼ା ଓ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଧର୍ମପୀଠ ପଞ୍ଚୁପାଣ୍ଡବ ମନ୍ଦିର ବେଢାରେ ଆଜି ଆରମ୍ଭ ହୋଇଛି ପବିତ୍ର ବାରୁଣୀ ଯାତ୍ରା। ପବିତ୍ର ଲୁଣାନଦୀରେ ଆଜି ପ୍ରାତଃରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରି ନିଜର ମାନସିକ ପୂରଣ କରିଛନ୍ତି। ନଦୀକୂଳରେ ଥିବା ଖଲାରେଶ୍ୱରଙ୍କ ପୀଠରେ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା। ଏଣ୍ଡର ପଞ୍ଚାୟତ ଡେରାଢ଼ିହସ୍ଥ ଗୋବରୀ ନଦୀର ତୀର୍ଥକୂଳରେ ଆଜି



ପ୍ରାତଃରୁ ଶତାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବା ସହ ପଞ୍ଚୁପାଣ୍ଡବଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ତୀର୍ଥକୂଳରୁ ମନ୍ଦିର ଯାଏ ରାସ୍ତାର ଦୁଇପାଶ୍ୱର୍ରେ ପଡିଥିବା ଚାଦରରେ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ଚାଉଳ ଓ ବିରି ଶସ୍ୟ ପକାଇ ନିଜର ମାନସିକ ପୂରଣ କରୁଥିବା ଦେଖିବାକୁ ମିଳିଥିଲା।

ସେହିପରି ଏହି ବାରୁଣୀ ଯାତ୍ରା ପଞ୍ଚୁପାଣ୍ଡବଠାରେ ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ଖଲାରେଶ୍ୱରଙ୍କ ପୀଠରେ ତିନିଦିନ ଧରି ଅନୁଷ୍ଠିତ ହେବ ବୋଲି ବାରୁଣୀ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ପବିତ୍ର ବାରୁଣୀ ସ୍ନାନ ତିଥିରେ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ପବିତ୍ର ଲୁଣାନଦୀରେ ସ୍ନାନ କରି ପ୍ରଭୁ ଖଲାରେଶ୍ୱରଙ୍କ ପୂଜାର୍ଚ୍ଚନା କଲେ ସେମାନଙ୍କର ମନସ୍କାମନା ପୂର୍ଣ୍ଣ ହୋଇଥିବା ବୋଲି ଗଭୀର ବିଶ୍ୱାସ ରହିଛି। ଏହି ଦିନରେ ଶ୍ରଦ୍ଧାଳୁ ସେମାନଙ୍କ ଶିଶୁଙ୍କ କେଶ ଦାନ କରିବା, ନିଜ ଘରେ ବିବାହ ବ୍ରତାଦିରେ ବ୍ୟବହାର କରିଥିବା ଶୁଭମୁକୁଟ, ପଉଡ଼ମଶିଣା ଆଦି ଏହି ଦିନରେ ନଦୀରେ ବିସର୍ଜନ କରିଥା'ନ୍ତି । ଏହି ଅବସରରେ ଖଲାରେଶ୍ୱର ପୀଠରେ ନାମଯଜ୍ଞର ଆୟୋଜନ କରାଯାଇଛି।

# ନିଜ ଖୋଳା ଖାତରେ ପଡ଼ିଲା ବିଜେପି

**ପେଟ୍ରୋଲ ଡ଼ିଜେଲ ଉପରୁ ସରକାର କମାନ୍ତୁ ଜିଏସ୍‌ଟି**

**ରାଜ୍ୟରେ ଧାନ କିଣା ଚାଷୀଙ୍କ ପାଇଁ ଯନ୍ତ୍ରଣାରେ ପରିଣତ**

**ଉତ୍ତରପ୍ରଦେଶରୁ ଆସୁଥିବା ଆଳୁ ଗାଡ଼ି ଗଲା କୁଆଡେ**

**ନୂଆ ଆବେଦନକାରୀଙ୍କୁ କେବେ ମିଳିବ ରାସନ କାର୍ଡ**

ଭୁବନେଶ୍ୱର,୨୭।୩(ସମିସ): ବିରୋଧୀ ଦଳରେ ଥିବାବେଳେ ବିଜେପି ନେତାମାନେ ପେଟ୍ରୋଲ-ଡ଼ିଜେଲ୍ ଉପରୁ ଜିଏସ୍‌ଟି ହ୍ରାସ ଦାବି କରୁଥିଲେ। ଜିଏସ୍‌ଟି କମିଲେ ରାଜ୍ୟରେ ପେଟ୍ରୋଲ ଡ଼ିଜେଲ ଶସ୍ତା ହେବ ଓ ଲୋକମାନେ ଆଶ୍ୱସ୍ତ ହେବେ ବୋଲି ଯୁକ୍ତି ବାଢୁଥିଲେ। ତତ୍‌କାଳୀନ ରାଜ୍ୟ ସଭାପତିଙ୍କ ସହ ବିଜେପିର ନେତାମାନେ ଗଣମାଧ୍ୟମରେ ଏହି ପ୍ରସଙ୍ଗକୁ ନେଇ ମୁଖର ହୋଇଥିଲେ। ଏବେ ବିଜେପି ହାତରେ ରାଜ୍ୟର ଶାସନ ଡ଼ୋରି । ତେଣୁ ରାଜ୍ୟ ସରକାର ତୁରନ୍ତ ପେଟ୍ରୋଲ-ଡ଼ିଜେଲ ଉପରୁ ଜିଏସ୍‌ଟି କମାଇ ରାଜ୍ୟବାସୀଙ୍କ କଷ୍ଟ ଲାଘବ କରନ୍ତୁ। ନ ହେଲେ ରାଜ୍ୟବାସୀ ବିଜେପିକୁ ମିଛୁଆ ଓ କଥାକୁହା କପିଳା ବୋଲି କହିବେ । ଏହି ମର୍ମରେ ବିରୋଧୀ ବିଜେଡି ବିଧାନସଭାରେ ସରକାରଙ୍କୁ ନିଶାଣ କରିଛି । ଯୋଗାଣ ବିଭାଗ ଖର୍ଚ୍ଚ ଦାବି ଆଲୋଚନା କାଳରେ ବିଜେଡି ନେତାମାନେ ସରକାରଙ୍କୁ ନିଜ କହିଥିବା କଥା ନିଜ ରଖ ବୋଲି ପରାମର୍ଶ ଦେଇଛନ୍ତି ।

ଆଲୋଚନା ଆରମ୍ଭ କରି ବରିଷ୍ଠ ବିଧାୟକ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ଧାନ କିଣା ସୁରୁଖୁରୁରେ ହେବ ବୋଲି ସରକାର ଆଶ୍ୱାସନା ଦେଇଥିଲେ; କିନ୍ତୁ କିଛି ହେଲା ନାହିଁ। ଧାନ କିଣା ସବୁଠାରୁ ବଡ଼ ଯନ୍ତ୍ରଣାରେ ପରିଣତ ହୋଇଛି। ଖରିଫ ଋତୁରେ ବ୍ୟାପକ କଟନୀ ଛଟନୀ ହେଲା। ଚାଷୀ ଆଣିଥିବା ଜରି ବ୍ୟାଗରେ ଧାନ କିଣା ଯାଉଛି ଆଉ ସେଇଥିରେ ଚାଉଳ ରଖାଯାଉଛି। କିନ୍ତୁ ଧାନ ବ୍ୟାଗ୍ କିଣାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଗ୍ରେନ୍ ଆନାଲାଇଜର୍ ମେସିନ୍ ବ୍ୟବହାର କରିବେ କହିଲେ, କିନ୍ତୁ ମେସିନର ଘୋର ଅଭାବ। ମିଲ୍‌ରେ ଧାନ ପଡି ରହିଥିବାରୁ ଶୁଖିଯିବା ପାଇଁ ମଧ୍ୟ ମିଲର୍ ସରକାରଙ୍କଠାରୁ ଟଙ୍କା ଦାବି କରୁଛନ୍ତି। ହ୍ୟାଣ୍ଡଲିଂ ଚାର୍ଜ ବାବଦରେ ବର୍ଷକୁ ୧୩୫ କୋଟି ଟଙ୍କା ବ୍ୟୟ ହେଉଛି। ବିନା ଟେଣ୍ଡରରେ ଧାନ ପରିବହନ କରି ୩୯୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ବିଭାଗ ୧୭ ହଜାର କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ଦେବା ସହ ୩୨ ହଜାର କୋଟି ଟଙ୍କା ଋଣ କରିଛି। କେନ୍ଦ୍ର ସରକାର ବକେୟା ରାଶି ଦେବା ପାଇଁ ବିଳମ୍ବ କରି ଚାଲୁଛନ୍ତି। ଦେଶରେ ଗହମ ଉତ୍ପାଦନ ବଢ଼ିଲାଣି, କିନ୍ତୁ ଆମ ରାଜ୍ୟରେ ଗହମ ବଣ୍ଟା ହେଉନାହିଁ, ତେଣୁ ସରକାର ଏଥିପ୍ରତି ଗୁରୁତ୍ୱ ଦିଅନ୍ତୁ ବୋଲି ଶ୍ରୀ ପୂଜାରୀ କହିଥିଲେ।

ବିଜେଡି ସଦସ୍ୟ ସାରଦା ଜେନା କହିଥିଲେ, ରାସନ କାର୍ଡ ହେଉଛି ଗରିବ ଲୋକଙ୍କ ଆଶା ଭରସା। କିନ୍ତୁ ୯ ମାସ ହେଲା ପୁରୁଣା ହିତାଧିକାରୀଙ୍କ ଯାଞ୍ଚ ଶେଷ ହେଲାନି କି ନୂଆ ଆବେଦନକାରୀଙ୍କୁ କେବେ କାର୍ଡ ମିଳିବ ତାହା ଜଣାପଡୁନାହିଁ। ରାସନ କାର୍ଡ ଯାଞ୍ଚ ନାମରେ କୋକୁଆ ଭୟ ସୃଷ୍ଟି ହେଉଛି। ଆବେଦନ କରିଥିବା ୧୩ ଲକ୍ଷ ଲୋକଙ୍କୁ କେବେ ଠାରୁ ରାସନ ମିଳିବ ତାହା ମନ୍ତ୍ରୀ ସ୍ପଷ୍ଟ କରନ୍ତୁ। ବିଏସ୍‌କେୱାଇ ସହିତ ରାସନ କାର୍ଡ ଯୋଡ଼ି ହୋଇଥିବାରୁ ସରକାର ନୂଆ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ କରି ରଖିଛନ୍ତି। ସବୁ ଚାଷୀଙ୍କ ଠାରୁ ଧାନ କିଣା ହେଉନାହିଁ। ଟାର୍ଗେଟ୍ ପୂରଣ ହୋଇଗଲାଣି କହି ଏକ ତୃତୀୟାଂଶ ଧାନ ଫେରାଇ ଦିଆଯାଉଛି। ଚାଷୀ ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି ବୋଲି ଶ୍ରୀ ଜେନା କହିଥିଲେ।

କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର କହିଥିଲେ, ଖାଦ୍ୟ ଯୋଗାଣ ଓ ସମବାୟ ବିଭାଗ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିଲେ ସୁଦ୍ଧା ଗତ ଫେବୃଆରୀ ସୁଦ୍ଧା ବଜେଟ ଅର୍ଥରୁ ଯଥାକ୍ରମେ ୨୪% ଏବଂ ୧୯% ଟଙ୍କା ଖର୍ଚ୍ଚ ହୋଇଛି। ମୁଖ୍ୟମନ୍ତ୍ରୀ ବିରୋଧୀ ଆସନରେ ବସିଥିବା ସମୟରେ ଧାନ କିଣାକୁ ନେଇ ଉଦ୍‌ବେଗ ପ୍ରକାଶ କରୁଥିଲେ, ଏବେ ତାହା ଦେଖିବାକୁ ମିଳୁନାହିଁ। ମଣ୍ଡିପଙ୍କା ଟାକୁଆ ମୃତ୍ୟୁ ଘଟଣାରେ ଆରଡିସି ରିପୋର୍ଟ କୁଆଡେ ଗଲା? କିଛି ମାସ ପୂର୍ବେ ଦେଶ ଭିତରେ କେବଳ ଓଡିଶାରେ ହିଁ ଆଳୁ ଓ ପିଆଜ ସଂକଟ ଦେଖା ଦେଇଥିଲା। ଉତ୍ତର ପ୍ରଦେଶରୁ ଆସୁଥିବା ଆଳୁ ଟ୍ରେନ୍ ଏପର୍ଯ୍ୟନ୍ତ ଓଡିଶାରେ ପହଞ୍ଚିଲା ନାହିଁ। ଖାଦ୍ୟ ଶୃଙ୍ଖଳାରେ ବିଫଳତା ହେତୁ ଏପରି ସ୍ଥିତି ଦେଖା ଦେଲା। ଧାନ କିଣାରେ ଅନିୟମିତତା ପାଇଁ କେତେ ଅଧିକାରୀଙ୍କ ବିରୋଧରେ ମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ନେଲେ?

ବିଜେଡି ବିଧାୟକ ଡ଼ ବ୍ୟୋମକେଶ ରାୟ କହିଥିଲେ, ବିଜେପି ସରକାର ଆସିବା ପରଠାରୁ ମହଙ୍ଗା ମାଡ଼ରେ ଜନତା ଅତିଷ୍ଠ ହେଲେଣି। ବିଜେପି ସରକାର ଥିବା ରାଜ୍ୟରେ ପେଟ୍ରୋଲ ଉପରୁ ଜିଏସ୍‌ଟି ହ୍ରାସ ହୋଇଛି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମଧ୍ୟ ତାହା କରନ୍ତୁ। ଅନ୍ୟ ରାଜ୍ୟରେ ମହିଳାଙ୍କୁ ମାସିହକ ୧ ହଜାର ଟଙ୍କାରୁ ନେଇ ୩ ହଜାର ଟଙ୍କା ପର୍ଯ୍ୟନ୍ତ ସୁଭଦ୍ରା ଟଙ୍କା ମିଳୁଥିବା ବେଳେ ଓଡ଼ିଶାରେ ମାତ୍ର ୮୨୫ କାହିଁକି? ବହୁ କଷ୍ଟରେ ଲୋକେ ଅନ୍ୟ ରାଜ୍ୟରୁ ଆସି ଇ-କେୱାଇସି କଲେ, କିନ୍ତୁ ପରେ କହୁଛନ୍ତି ବୈଷୟିକ ତ୍ରୁଟି ପାଇଁ ଆଉଥରେ ନ କଲେ ରାସନ କାର୍ଡ କଟିଯିବ। ଲୋକଙ୍କ ରାସନ କାର୍ଡ କାଟନ୍ତୁନି, ଯେଉଁମାନେ ଆବେଦନ କରିଛନ୍ତି ସେମାନଙ୍କୁ ଦିଆଯାଉ। ଆଲୋଚନାରେ ସନ୍ତୋଷ ଖଟୁଆ, ଅମର କୁମାର ନାୟକ, ଓମ୍ ପ୍ରକାଶ ମିଶ୍ର, ପ୍ରତାପ ଚନ୍ଦ୍ର ନାୟକ, ମନୋରଞ୍ଜନ ଦ୍ୟାନସାମନ୍ତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମନ୍ତ୍ରୀ ଉତ୍ତର ରଖୁଥିବା ସମୟରେ ବିଜେଡି ସଦସ୍ୟମାନେ ପ୍ରତିବାଦ କରି କକ୍ଷ ତ୍ୟାଗ କରିଥିଲେ।

**ପିଏମ୍ ଗତିଶକ୍ତି ନେଟୱର୍କ ଯୋଜନା ଗୋଷ୍ଠୀର ୯୦ତମ ବୈଠକ**

## ଯାଜପୁର-କେନ୍ଦୁଝରରୁ ଧାମରା ମଧ୍ୟରେ ନୂଆ ବିଜି ରେଳଲାଇନ୍

**ସଡ଼କ, ରେଳ ଏବଂ ମେଟ୍ରୋ ପ୍ରକଳ୍ପର ମୂଲ୍ୟାଙ୍କନ**

**ନୂଆଦିଲ୍ଲୀ,୨୭।୩(ଏଜେନ୍ସି):** ସଡ଼କ, ରେଳ ଏବଂ ମେଟ୍ରୋ କ୍ଷେତ୍ରରେ ଭିତ୍ତିଭୂମି ପ୍ରକଳ୍ପର ମୂଲ୍ୟାଙ୍କନ ପାଇଁ ନେଟୱର୍କ ଯୋଜନା ଗୋଷ୍ଠୀ (ଏନପିଜି)ର ୯୦ତମ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯାଜପୁର-କେନ୍ଦୁଝରରୁ ଧାମରା ବନ୍ଦର ମଧ୍ୟରେ ନୂଆ ବ୍ରଡ୍‌ଗେଜ୍ (ବିଜି) ରେଳ ଲାଇନ୍ ନିର୍ମାଣ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ରେଳ ମନ୍ତ୍ରଣାଳୟ ପୂର୍ବତଟ ରେଳବାଇ ମାଧ୍ୟମରେ, ଖୋର୍ଦ୍ଧା ଡିଭିଜନ ଅନ୍ତର୍ଗତ ଯାଜପୁର-କେନ୍ଦୁଝର ରୋଡରୁ ଆରଡି ଦେଇ ଧାମରା ବନ୍ଦର ପର୍ଯ୍ୟନ୍ତ ଏକ ୧୦୧.୨୬ କିଲୋମିଟର ଦୀର୍ଘ ବ୍ରଡଗେଜ (ବିଜି) ରେଳ ଲାଇନ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଛି। ଏହି ଗ୍ରୀନଫିଲ୍ଡ ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ଯାଜପୁର ଏବଂ ଭଦ୍ରକ ଜିଲ୍ଲାରେ ମାଲ ପରିବହନ ଏବଂ ଯାତ୍ରୀ ସଂଯୋଗ ବୃଦ୍ଧି କରିବା। ଏହି ରେଳ ଲାଇନ ଶିଳ୍ପ କ୍ଲଷ୍ଟର, କୋଇଲା କ୍ଷେତ୍ର ଏବଂ ଧାମାରା ବନ୍ଦର ମଧ୍ୟରେ ସିଧାସଳଖ ସଂଯୋଗ ପ୍ରଦାନ କରିବ।

ଏହାଛଡ଼ା ବୈଠକରେ ପିଏମ୍ ଗତିଶକ୍ତି ନ୍ୟାସନାଲ ମାଷ୍ଟର ପ୍ଲାନ (ପିଏମ୍‌ଜିଏସ ଏନଏମପି) ଅନୁରୂପ ବହୁମୁଖୀ ସଂଯୋଗ ଏବଂ ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଏନପିଜି ୫ଟି ପ୍ରକଳ୍ପ (ଦୁଇଟି ସଡ଼କ, ଦୁଇଟି ରେଳ ଏବଂ ଗୋଟିଏ ମେଟ୍ରୋ)କୁ ସମନ୍ୱିତ ବହୁମୁଖୀ ଭିତ୍ତିଭୂମି, ଆର୍ଥିକ ଓ ସାମାଜିକ କେନ୍ଦ୍ରଗୁଡ଼ିକ ସହିତ ଶେଷ-ମାଇଲ ସଂଯୋଗ ଏବଂ ଆନ୍ତଃମୋଡାଲ ସମନ୍ୱୟର ପିଏମ ଗତିଶକ୍ତି ନୀତି ସହିତ ମୂଲ୍ୟାଙ୍କନ କରିଥିଲା। ପିଏମ ଗତିଶକ୍ତି ନେସନାଲ ମାଷ୍ଟର ପ୍ଲାନ ସହିତ ଯୋଡ଼ି ହୋଇଥିବା ଏହି ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ସଂଯୋଗକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ, ଲଜିଷ୍ଟିକ୍ସରେ ଉନ୍ନତି ଆଣିବ ଏବଂ ଆଞ୍ଚଳିକ ତଥା ଜାତୀୟ ଆର୍ଥିକ ଅଭିବୃଦ୍ଧିରେ ଯୋଗଦାନ କରିବ। ଏହି ବୈଠକରେ ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି)ର ଯୁଗ୍ମ ସଚିବ ପଙ୍କଜ କୁମାର ଅଧ୍ୟକ୍ଷତା କରିଥିଲେ।

## ଅସହ୍ୟ ଖରା, ଗରମରେ ଭକ୍ତ ହନ୍ତସନ୍ତ

**ଶ୍ରୀମନ୍ଦିରରେ ଅବ୍ୟବସ୍ଥାକୁ ନେଇ ବିଧାୟକଙ୍କ କ୍ଷୋଭ**

ଭୁବନେଶ୍ୱର,୨୭।୩(ସମିସ): ନୂଆ ସରକାର ଆସିବା ପରେ ପୁରୀରେ ୪ ଦ୍ୱାର ଖୋଲିଦେଲେ। ଭକ୍ତ ଆଶା ରଖିଥିଲେ ସହଜରେ ଏବଂ ଶୃଙ୍ଖଳାର ସହ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିପାରିବେ। ପୁରୀରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ତେଣୁ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଥିବା ବିଧାନସଭା ଆସନ୍ତା ରଥଯାତ୍ରା ପୂର୍ବରୁ ପୁରୀ ଗସ୍ତ କରୁ। ନିଜ ଆଖିରେ ଭକ୍ତଙ୍କ ଦୁର୍ଦ୍ଦଶା ଦେଖିବାକୁ ଶୂନ୍ୟକାଳରେ ଦାବି କରିଛନ୍ତି ବିଜେଡି ବିଧାୟକ ସୁନୀଲ ମହାନ୍ତି। ଶ୍ରୀ ମହାନ୍ତି ଉପରୋକ୍ତ ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ଶ୍ରୀମନ୍ଦିର ଭିତରେ ଏବଂ ବାହାରେ ଭକ୍ତଙ୍କ ଭିଡ଼ ଦୃଶ୍ୟ ପ୍ରତିଦିନ ଦେଖିବାକୁ ମିଳୁଛି। ଯେପରି ଖରା, ଗରମ ହେଉଛି ଭକ୍ତ ଭକ୍ତ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ଇତିମଧ୍ୟରେ ଅକାମୀ ହୋଇ ପଡ଼ିଥିବା ବେଳେ ନୂଆ କମିଟି ଗଠନ କରାଗଲା ନାହିଁ। ପୁରୀ ବାସିନ୍ଦା ନିତିଦିନ ମନ୍ଦିରକୁ ଯାଆନ୍ତି। ସେମାନଙ୍କ ସୁବିଧା ପାଇଁ ପୂର୍ବ ସରକାର ପଶ୍ଚିମ ଦ୍ୱାରପଟେ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ। ସେମାନେ ପରିଚୟ ପତ୍ର ଦେଖାଇ ମନ୍ଦିରକୁ ଯାଉଥିଲେ; ମାତ୍ର ନୂଆ ସରକାର ଆସିବା ପରେ ଏହି ବ୍ୟବସ୍ଥାଟିକୁ ବନ୍ଦ କରିଦେଲେ। ଅନ୍ତତଃପକ୍ଷେ ମାସକୁ ୪ ଥର ପୁରୀ ବାସିନ୍ଦା ମନ୍ଦିର ଭିତରକୁ ଯିବା ପାଇଁ ସରକାର ବ୍ୟବସ୍ଥା କରନ୍ତୁ। ଏହାସହ ଭିଡ଼ ନିୟନ୍ତ୍ରଣ ପାଇଁ ମଧ୍ୟ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରିବାକୁ ବୋଲି ସୁନୀଲ ଦାବି କରିଛନ୍ତି।

## ବିଧାନସଭାରେ 'କୁଟୁମ୍ବ' ଚିନ୍ତା

**ଭୁବନେଶ୍ୱର,୨୭।୩(ସମିସ):** ବିଧାନସଭାର ଶୂନ୍ୟକାଳରେ 'କୁଟୁମ୍ବ'କୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି ବିଜେଡି ବିଧାୟକ ଗଣେଶ୍ୱର ବେହେରା। ସେ କହିଛନ୍ତି ଯେ ଗତ ଜାନୁଆରୀ ୨ ତାରିଖରେ ମୁଖ୍ୟମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମୀଙ୍କ ପେନସନ ୧୦ ହଜାରରୁ ୨୦ ଟଙ୍କାସହ ମିସା ବନ୍ଦୀ ଏବଂ ଅଣ ବନ୍ଦୀମାନଙ୍କୁ ଭତ୍ତା ନେଇ ଘୋଷଣା କଲେ। ଏହା କାର୍ଯ୍ୟକାରୀ ହୋଇ ସାରିଲାଣି । ମାତ୍ର ମୁଖ୍ୟମନ୍ତ୍ରୀ ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ସଂଗ୍ରାମୀ ପରିବାର ପାଇଁ ଘୋଷଣା କରିଥିବା 'କୁଟୁମ୍ବ' ଯୋଜନା ଏଯାଏ ଅଟକି ରହିଛି । ମୁଖ୍ୟମନ୍ତ୍ରୀ ଏନେଇ ଘୋଷଣା କରିବା ପରେ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ଲୋକେ ବହୁ ଆଶା ଏବଂ ଅପେକ୍ଷାରେ ରହିଛନ୍ତି। ତେଣୁ ସରକାର ଏ କ୍ଷେତ୍ରରେ ଉଦାରତା ଦେଖାଇ ଯୋଜନା କାର୍ଯ୍ୟକାରୀ କରିବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିବା ସମୟରେ ଉକ୍ତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ନିଜେ ମଧ୍ୟ ସମ୍ମାନିତ ଅତିଥି ବାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ କୁଟୁମ୍ବ ଯୋଜନା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ନିଜେ ବାଚସ୍ପତି କହିଥିଲେ ଯେ ଯଦି ଏ ପ୍ରସଙ୍ଗ କୌଣସି ବିଧାୟକ ବିଧାନସଭାରେ ଉତ୍ଥାପନ କରନ୍ତି, ତାହେଲେ ସେ ବିଚାର କରିବେ। ସେବେଠାରୁ ଏହି ଯୋଜନା ସମ୍ପର୍କରେ କୌଣସି ଅଗ୍ରଗତି ହୋଇନାହିଁ। ସ୍ୱାଧୀନତା ସଂଗ୍ରାମଙ୍କ ପରିବାର ସଦସ୍ୟ ସଂଖ୍ୟା ଖୁବ କମ ଏବଂ ସେମାନଙ୍କ ଦାବିରେ ଯଥାର୍ଥତା ରହିଛି। ଯେଉଁମାନେ ଦେଶର ସ୍ୱାଧୀନତା ପାଇଁ ଲୁହ ଏବଂ ଲହୁ ଦେଇଛନ୍ତି ସେମାନଙ୍କ ପାଇଁ ସରକାର ଉଦାର ହେବାକୁ ଶ୍ରୀ ବେହେରା ଦାବି କରିଥିଲେ।

## ଅବଶିଷ୍ଟାଂଶ...

### ଗାନ୍ଧୀ ମାର୍ଗରେ...

ବିଧାନସଭା ଆଡ଼କୁ ଅଗ୍ରସର ହେଉଥିବା ଦେଖି ପୁଲିସ ଆହୁରି ଜୋରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଫଳରେ ଉଭୟପକ୍ଷ ମଧ୍ୟରେ ଧସ୍ତାଧସ୍ତି, ଠେଲାପେଲା ଓ ଧକ୍କା ମରାମରି ହୋଇଥିଲା। ପୁଲିସ ଲାଠିମାଡ଼ରେ କାହାର ମୁଣ୍ଡ ଫାଟି ଝରଝର ରକ୍ତ ବୋହିଥିଲା ତ କେହି ଅଚେତ ହୋଇ ସେଠାରେ ପଡ଼ି ଯାଇଥିଲେ। ସାଥୀ କର୍ମୀ ଆହତ ହେବା କଂଗ୍ରେସ କର୍ମୀଙ୍କୁ ଅଧିକ ଉତ୍ୟକ୍ତ କରିଥିଲା। ବାଉଁଶ ବାଡ, କଣ୍ଟା ବାରକୁ ଡେଇଁ ଆଗକୁ ଯିବାକୁ ଉଦ୍ୟମ କରିଥିଲେ ହେଁ ତାହାକୁ ଭେଦିବାକୁ ସକ୍ଷମ ହୋଇ ପାରି ନ ଥିଲେ। ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲାଲ୍ଲୁ, ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ଏଆଇସିସି ସହ ପ୍ରଭାରୀ ରୋଜାଲିନୀ ତିର୍କୀ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ରାମଚନ୍ଦ୍ର ଖୁଣ୍ଟିଆ, ଶ୍ରୀକାନ୍ତ ଜେନା, ସାଂସଦ ସପ୍ତଗିରି ଉଲ୍ଲାକା, ମହମ୍ମଦ ମୋକିମ୍, ସୁରେଶ ରାଉତରାୟ, ଶରତ ରାଉତ, ନବଜ୍ୟୋତି ପଟ୍ଟନାୟକ, ନିଳମାଧବ ହିକ୍କା, ସୁରେଶ ରାଉତରାୟ, ଶିବାନନ୍ଦ ରାୟ, ବିଶ୍ୱଜିତ ଦାସ, ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଯାସିରେ ନୱାଜ, ଉଦିତ୍ ପ୍ରଧାନ, ମିନାକ୍ଷୀ ବାହିନୀପତି, ବିଜୟଲକ୍ଷ୍ମୀ ସାହୁ, ସରସ୍ୱତୀ ହେମ୍ବ୍ରମ, ସୁଶିଳା ତିରିଆ, ବନ୍ଦିତା ପରିଡ଼ା, ସସ୍ମିତା ବେହେରା, ମନଶା ତ୍ରିପାଠୀ, ମଧୁସ୍ମିତା ପଣ୍ଡା, ମଧୁସ୍ମିତା ଆଚାର୍ଯ୍ୟ, ସୋନାଲୀ ସାହୁ, ପ୍ରଣତି ମିଶ୍ର, ଗୀତାଞ୍ଜଳି ମହାନ୍ତିଙ୍କ ସହ ସମସ୍ତ ବିଧାୟକ ବିକ୍ଷୋଭର ନେତୃତ୍ୱ ନେଇଥିଲେ।


**IA GA No. 1 of 2025**
**P.L.A. No. 427 of 2023**
**IN THE HIGH COURT AT CALCUTTA**
**Testamentary and Interstate Jurisdiction**

President of the Union of India
Petition for Probate

In the goods of: Satya Narayan Toshniwal, son of Late Ladhuramji Toshniwal, lastly residing at No. 25, KaliKrishna Tagore Street, Barabazar, P.O.: Kalakar Street, P.S.-Posta, Kolkata-700007 and also Nakkati Gachhi, Tufanganj-I, District-Coochbehar, West Bengal, a Hindu inhabitant deceased.

All persons claiming to have any interest in the estate of the abovenamed deceased are hereby cited to come within 4 (Four) weeks from the publication of this matter and see the proceedings, if they think fit, before the grant of Probate in the above goods.

You are hereby informed that free legal services from the High Court Legal Services are available to you and in case you are eligible and desire to avail of the free legal services, you may contact the above Legal Services Committee.

**Witness:** Witness Mr. T.S. Sivagnanam, Chief Justice at Calcutta aforesaid, the 28th day of February in the year Two Thousand and Twenty Five.

**Binay Kumar Jain, Advocate**
7B, Kiran Shankar Roy Road,
3rd Floor, Room No. 3D, Kolkata-700001

Sd/-
**For Registrar**



**EASTERN INVESTMENTS LIMITED**
CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020.

**STATEMENT OF STANDALONE & CONSOLIDATED REVIEWED FINANCIAL RESULTS FOR NINE MONTHS ENDED 31st DECEMBER 2024** (Rs in lakhs)

| Sl No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Nine Months Ended | | Year Ended | Nine Months Ended | | Year Ended |
| | | 31.12.2024 | 31.12.2023 | 31.03.2024 | 31.12.2024 | 31.12.2023 | 31.03.2024 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation (including Other Income) | 63.67 | 102.46 | 95.56 | 10,832.21 | 11,850.50 | 17,546.53 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (2.49) | 6.59 | (8.00) | (167.69) | (169.86) | (226.91) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (2.49) | 6.59 | (8.00) | (167.69) | (169.86) | (226.91) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 0.50 | 13.67 | 2.10 | (351.64) | 353.27 | 592.46 |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | 0.50 | 13.67 | 2.30 | (351.64) | 353.27 | 464.63 |
| 6 | Net Profit attributable to Non Controlling Interests | - | - | - | (211.33) | 133.03 | 255.35 |
| 7 | Net Profit attributable to Owners of the Company | - | - | - | (140.31) | 220.24 | 337.11 |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,576.05 | 26,586.92 | 26,575.55 | (7,819.01) | (7,731.64) | (7,678.70) |
| 10 | Earning per share ( Rs) | | | | | | |
| | (i) Basic : | 0.03 | 0.95 | 0.15 | (9.89) | 15.52 | 23.76 |
| | (ii) Diluted : | 0.03 | 0.95 | 0.15 | (9.89) | 15.52 | 23.76 |

1. The above results of the Company were approved by the Board of Directors at their respective meetings held on 26-03-2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 26th March' 2025

Sd/-
(S.C.Pandey)
Managing Director-EIL



**AFFIDAVIT**

By virtue of an affidavit sworn before The Notary Public, Rairakhol on dated- 24/03/2025. I, Sanatan Pradhan, Address: Vill- Bharatapur, PO- Bharatapur, PS- Charmal, Dist- Sambalpur - 768106, Odisha declare that I have changed my daughter's name from Daleawre Pradhan to Dileswari Pradhan. Henceforth, she shall be known as Dileswari Pradhan for all future purposes.

**AFFIDAVIT**

I, Sandeep Kumar Pattanaik, C/o- Pradeep Kumar Pattanaik, resident of LIG 14/4, Housing Board Colony, Chandrasekharpur, Bhubaneswar, Khurdha, Pin Code- 751016, Odisha declared by the affidavit No. 03, dated- 26/03/2025 that now onwards I shall be known as **SANDEEP KUMAR PATTNAIK** for all future purposes.

**AFFIDAVIT**

I, SHUKADEV SING changed my name to SUKDEV SINGH vide affidavit dated 25/03/2025 before notary Harisankar Sahu.

**AFFIDAVIT**

I AJAY TAPALI, S/o Nikhil Tapali, resident of Boiliguma, Janbai,Bada pada, ,Dt- Malkangiri,odisha - 764052,Odisha declare by this Affidavit No.1553,Dated - 26/03/2025,that now onwards I shall be known as AJAY KUMAR TAPALI for all future purpose.

**AFFIDAVIT**

By virtue of an affidavit sworn by me in the Court of Executive Magistrate, Anandapur on dtd. 26/3/2024 vide C.F. No:1115/26.3.2025, I have changed my Sur name from **Sahoo to Rana** such as **Gayatri Sahoo to Gayatri Rana.** Henceforth I will known as **Gayatri Rana,** D/o- Brajamohan Rana of Vill/P.O.:-Kolimati, P.S.:- Ghasipura, Dist. Keonjhar for all purposes.

**LOST**

I, **Smt. Sabitarani Sahoo,** W/o- Sudhakar Sahoo, resident of At Plot No. 21/2512, Sailashree Vihar, Phase-VII, Chandra-sekharpur, Bhubaneswar-751016, Dist- Khordha, Odisha do hereby declare that, missing Original RSD No. 111131700154, dtd. 06/01/2017, RSD No. 2157, dtd. 30/04/1997 ROR vide Khata No. 801/1767, Plot No. 88/4867 have been lost somewhere. If anyone finds it kindly contact: +91 8234947472 and to my address.

**AFFIDAVIT**

By virtue of an affidavit (Sl No. 1888, on dtd. 21/03/2025) before the Executive Magistrate, Tirtol, Jagatsinghpur. I, **Mamata Bardhan,** W/o- Late Gangadhar Bardhan resident of Vill: Barunapada, PO: Sanra, PS: Tirtol, Dist: Jagatsinghpur, PIN: 754104, Odisha have changed my minor daughter's name from **Mira bardhan To Meera Bardhan** for all future purposes.

**NOTICE**

**By virtue of an Affidavit sworn before the Executive Magistrate Bhubaneswar No: 126, dated 27.03.2025, I Ashok Kumar Bahubalandra (New Name) S/o Late Anathabandhu Bahubalandra , resident of At/PO - Daruthenga, Ps- Chandaka, Bhubaneswar, Dist- Khurdha, Odisha, Pin- 751024 declare that I have changed my name from Ashok Bahubalendra (Old Name) to Ashok Kumar Bahubalandra (New Name). Henceforth, I shall be known as Ashok Kumar Bahubalandra (New Name) for all future purposes.**
**Sd- Ashok Kumar Bahubalandra**

**NOTICE**

**By virtue of an Affidavit sworn before the Executive Magistrate and Tahasildar, Baliapal No: 1223, dated 25.03.2025, I SK Samsar (New Name) S/o SK Rafique, resident address At - Baliapal, Po- Baliapal, Via/Ps- Baliapal, Dist- Baleswar, Odisha, Pin- 756026 declare that I have changed my name from Seikh Samsar (Old Name) to SK Samsar (New Name). Henceforth, I shall be known as SK SAMSAR (New Name) for all future purposes.**
**Sd- SK SAMSAR**

**ସର୍ବସାଧାରଣ ବିଜ୍ଞପ୍ତି**

ଆମେ ଶ୍ରୀ ବସନ୍ତ କୁମାର ପାଣିଗ୍ରାହୀ, ସନ୍ଧ୍ୟାରାଣୀ ପାତ୍ର, ଶ୍ରୀକାନ୍ତ ପାଣିଗ୍ରାହୀ, ମମତା ପାଢ଼ୀ ଏବଂ ପିତା-ନିରଞ୍ଜନ ପାଣିଗ୍ରାହୀ, ଏବିସି କଲୋନୀ, ଜଲଦା ସି ବ୍ଲକ, ରାଉରକେଲା, ଜିଲ୍ଲା-ସୁନ୍ଦରଗଡ, ଓଡିଶା, ପିନ୍ ନଂ.୭୬୯୦୪୩, ନିବାସୀ ପ୍ଲଟ୍ ନଂ.୧/୨୭୯୬, ଖାତା ନଂ. ୧୦୩/୫୮୧, ମୌଜା- ହାତୀବନ୍ଧା, ରାଉରକେଲା, ଓଡିଶା ଅନ୍ତର୍ଗତ କ୍ଷେତ୍ର ଏ-୦.୧୦ ଡେସିମିଲ୍ ବାସଗୃହକୁ ଲେମିନେଟେଡ୍ ପୂର୍ବକ ମୂଳ ଦସ୍ତ ଆଧାରରେ ବିକ୍ରୟ କବଲା ନଂ. ୫୯୪ , ତା-୯.୭.୨୦୦୮ ଅନୁଯାୟୀ ବନ୍ଧକ ରଖିବାକୁ ଇଚ୍ଛା କରୁଅଛି । ଯାହା **ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆର୍‌ଏସ୍‌ଏମ୍‌ଇସି (ରାସ୍‌ମେକ୍) ଶାଖା, ସେକ୍ଟର-୧୭, ରାଉରକେଲା,** ଶାଖା କୋଡ-୧୦୨୭୩ରୁ ସିଧାସଳଖ ଭାବେ ଋଣ ଗ୍ରହଣ କରିପାରିବି । ଯଦି ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାରର ଦାବି ଥାଏ ତେବେ ଜନସାଧାରଣ ଏହି ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ ମୁଖ୍ୟ ପରିଚାଳକ, ଏସ୍‌ବିଆଇ ଆର୍‌ଏସ୍‌ଏମ୍‌ଇସି (ରାସ୍‌ମେକ୍) ଶାଖା, ସେକ୍ଟର-୧୭, ରାଉରକେଲାଙ୍କ ନିକଟରେ ଜଣାଇପାରିବେ ।

**ଶ୍ରୀ ବସନ୍ତ କୁମାର ପାଣିଗ୍ରାହୀ, ସନ୍ଧ୍ୟାରାଣୀ ପାତ୍ର, ଶ୍ରୀକାନ୍ତ ପାଣିଗ୍ରାହୀ, ମମତା ପାଢ଼ୀ ଏବଂ ପିତା-ନିରଞ୍ଜନ ପାଣିଗ୍ରାହୀ, ଏବିସି କଲୋନୀ, ଜଲଦା ସି ବ୍ଲକ୍, ରାଉରକେଲା, ଜିଲ୍ଲା-ସୁନ୍ଦରଗଡ, ପିନ୍-୭୬୯୦୪୩**



**THE BISRA STONE LIME COMPANY LTD.**
CIN: L14100OR1910GOI033904
Regd. Office :Plot No:255, Pristine Green, Pokhariput, Bhubaneswar-751020.

**Statement of Reviewed Financial Results For Nine Months Ending 31st December'2024** (Rs in lakhs)

| Sl No. | Particulars | Nine Months Ended | | Year Ended |
|---|---|---|---|---|
| | | 31.12.2024 | 31.12.2023 | 31.03.2024 |
| | | (Reviewed) | | (Audited) |
| 1 | Total Income from Operation (including Other Income) | 4,792.72 | 6,547.65 | 8,531.30 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 691.11 | 1,285.06 | 232.65 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 691.11 | 1,285.06 | 232.65 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 453.75 | 1,285.06 | 229.13 |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | 453.75 | 1,285.06 | 176.65 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (21,219.49) | (20,564.81) | (21,673.22) |
| 8 | Earning per share (Rs) | | | |
| | (i) Basic: | 0.52 | 1.47 | 0.26 |
| | (ii) Diluted: | 0.52 | 1.47 | 0.26 |

1. The above results of the Company were approved by the Board of Directors at their respective meetings held on 26-03-2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Visakhapatnam
Date: 26th March '2025



**AFFIDAVIT**

By virtue of an affidavit vide No. 419, dated- 24/3/2025, Sworn before the Executive Magistrate, Balikuda. I, Sourav Mohanty, S/o- Santosh Kumar Mohanty, resident of At: Nalio, Po: Balikuda, Dist: Jagatsingpur, Pin- 754108, Odisha have changed my name from **Sourav Mohanty To Saurava Mohanty.** Henceforth shall be known as for all future purposes.

**AFFIDAVIT**

I, **Abhisek Ray** aged about 44 years, S/o- Bipin Bihari Nayak, Resident of Uppar Sahi, Khordha, Post/PS/Dist- Khordha, Pin- 752055, Odisha declare by this affidavit No. 523, dtd- 22/03/2025 that now onwards I shall be known as **ABHISHEK RAY** for all future purposes.

**AFFIDAVIT**

I, Amit Agarwal, S/o- Gouri Shankar Agarwal, resident of At- Paschim Bazar Pada, Ps- Angul, Dist- Angul, Pin Code- 759122, Odisha declare by this affidavit No- 695, dated- 26/03/2025 that now onwards I shall be known as **AMIT KUMAR AGARWAL** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar dated- 26/03/2025. I, **Sagar Bijay Panda,** Address: Flat No. 104, Taksh Apartment, Sundarpada, Jatni Road, Near Shrusti Mansion, Panchagaon, Dist- Khordha, Pin- 752050, Odisha declare that I have changed my name from **Sagar Panda To Sagar Bijay Panda.** Henceforth, I shall be known as **Sagar Bijay Panda,** S/o- Bijay Panda for all future purposes.
**(Sagar Bijay Panda)**

**AFFIDAVIT**

I, Jayashree Bhawani Shanker Dash, W/o- Bhawani Shanker Dash, resident of GA Plot No. 3, Sector-5, Defence Enclave, Neeladri Vihar, Bhubaneswar, Dist- Khurda, Odisha declared by this affidavit SL No. 154, dtd- 25/03/2025 that now onwards I shall be known as **JAYASHREE DASH** for all future purposes.

**AFFIDAVIT**

I, Arati Rath, W/o- Binod Bihari Dash, resident of At- Bilipada, Po- Bahadalapur, Ps- Kuakhia, Dist- Jajpur, Pin Code- 755009, Odisha declare by this affidavit No- 606, dated- 14/03/2025 that now onwards I shall be known as **ARATI DASH** for all future purposes.

**AFFIDAVIT**

I, Satyabrata Mohanty, S/o- Madan Mohan Mohanty, Resident of Vill- Bhatapada, P.O- Bhatapada, P.S.- Tihidi, Dist- Bhadrak, Pin-756130, Odisha declare by this Affidavit No. 2220, Dated 26.03.2025, that now onwards I shall be known as **SATYABRAT MOHANTY** for all future purposes.

**AFFIDAVIT**

I, Mayur Kamlesh Nanda, S/O- Kamalesh Kumar Nanda resident of Plot No. 4355/4949/696. Panadav Nagar-1, Badagada, Dist- Khorda, Pin- 751018, Bhubaneswar. Declare by this affidavit Vol No-1, Sl No- 315, dtd- 26/03/2025. That now onwards I shall be known as **MAYUR KAMALESH NANDA** for all future purposes.

# ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

ପାରାଦୀପ, ୨୭।୩ (ସମିସ): ପାରାଦୀପ ପୌରାଞ୍ଚଳ ଅଧୀନ ୧୫ ନମ୍ବର ୱାର୍ଡର ବଡ଼ପଡ଼ିଆ ସିନେମା ହଲ୍ ନିକଟରେ ଥିବା ବସ୍ତିରେ ଆଜି ସକାଳେ ଅଗ୍ନିକାଣ୍ଡ ଘଟି ୨ ବଖରା ପୋଡ଼ି ପାଉଁଶ ହୋଇଯାଇଛି । ଆଜି ସକାଳେ ବସ୍ତିରେ ରହୁଥିବା ପ୍ରତାପ ସାହୁଙ୍କ ଘରେ କୌଣସି କାରଣରୁ ନିଆଁ ଲାଗି ୨ ବଖରା ଘର ସମ୍ପୂର୍ଣ୍ଣ ପୋଡ଼ି ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି । ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ କାଉନସିଲର, ଜ୍ୟୋତି ମହିଳା ସଂଘର ପୁଷ୍ପାଞ୍ଜଳି ମିଶ୍ର, ଲିପିକା ସାହୁ, ହରପ୍ରିୟ ସାହୁ ଓ ପୌରପାଳିକା କର୍ମଚାରୀ ପହଞ୍ଚି କ୍ଷତିଗ୍ରସ୍ତଙ୍କୁ ପଲିଥିନ ଓ ଆର୍ଥିକ ସହାୟତା, ରନ୍ଧା ଖାଦ୍ୟ ପ୍ରଦାନ କରିଥିଲେ ।

# ବାପପୁଅଙ୍କଠାରୁ ୧୮ ହଜାର ଟଙ୍କା ଲୁଟ୍

ଜଗତସିଂହପୁର,୨୭।୩(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ କନ୍ତାର ଗ୍ରାମର ସୁରେନ୍ଦ୍ର ସ୍ୱାଇଁ ଏବଂ ତାଙ୍କ ପୁଅ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ସିଦ୍ଧଳ ନିକଟରେ ଦୁଇଜଣ ବ୍ୟକ୍ତି ତାଙ୍କୁ ମାଡ ମାରି ୧୮ ହଜାର ଟଙ୍କା ଛଡାଇ ନେଇଥିବା ଶ୍ରୀ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ସୂତ୍ରରୁ ସୂଚନା ମିଳିଛି ।

■ ମହିମା ପୁସ୍ତକ ମେଳାର ପଞ୍ଚମ ସଂଧ୍ୟା

# 'ଜଗନ୍ନାଥଙ୍କୁ ବୁଝିବା, ଜାଣିବା ସମସ୍ତଙ୍କ ପାଇଁ ସମ୍ଭବ ନୁହେଁ'




ଢେଙ୍କାନାଳ,୨୭ ।୩(ସମିସ): ସ୍ଥାନୀୟ ମିନି ଷ୍ଟାଡିୟମଠାରେ ନିୟୁ ଇଣ୍ଡିଆ ଏବଂ ଏନବିଟି ସହଯୋଗରେ ଚାଲିଥିବା ମହିମା ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟାରେ ବୌଦ୍ଧିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ରରେ ଶ୍ରୀ ଜଗନ୍ନାଥଙ୍କୁ ଜାଣିବା ଓ ବୁଝିବା ସମସ୍ତଙ୍କ ପାଇଁ ସମ୍ଭବ ନୁହେଁ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ।

ଆଜିର କାର୍ଯ୍ୟକ୍ରମରେ ସମାଜସେବୀ ରାମଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି, ମୁଖ୍ୟ ବକ୍ତାଭାବରେ ସିଆରିଆ ମଠର ମହନ୍ତ ସଦାନନ୍ଦ ଦାସ ମହାରା, ସମ୍ମାନୀତ ଅତିଥି ଭାବରେ ପଣ୍ଡିତ ପ୍ରତାପ କିଶୋର ନନ୍ଦ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜଜ୍ ଭିକାରୀ ଚରଣ ରାଉତ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମକୁ କଳା ସଂସ୍କୃତିର ଉପସଭାପତି ଅବନୀମିଶ୍ର ପରିଚାଳନା କରିଥଲେ । ନିୟୁ ଇଣ୍ଡିଆର ସମ୍ପାଦକ ଶେଷଦେବ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ।

# ଦେବେନ୍ଦ୍ର ପ୍ରଧାନଙ୍କ ଦଶାହ କାର୍ଯ୍ୟ ପାଳିଲେ ବିଜେପି କର୍ମୀ



ପରଜଙ୍ଗ,୨୭ ।୩(ସମିସ): ପରଜଙ୍ଗ ବ୍ଲକ ମୁକ୍ତାପଶି ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ଦଶାହ କାର୍ଯ୍ୟ ପାଳନ କରିଛନ୍ତି । ମୁକ୍ତାପଶି ଗ୍ରାମ ନିକଟରେ ଯାଇଥିବା ରେଙ୍ଗାଳି ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିକଟକୁ କର୍ମୀ ମାନେ ଯାଇ ସେଠାରେ ହିନ୍ଦୁ ଧର୍ମର ରୀତିନୀତି ଅନୁସାରେ ଦଶାହ କାର୍ଯ୍ୟ ପାଳନ କରିଛନ୍ତି । ଗ୍ରାମର ବିଜେପି ଦଳର ଯୁବ ସକ୍ରିୟ କର୍ମୀ ପ୍ରମୋଦ କୁମାର ବିଶ୍ୱାଳ ଓରଫ କାଳିଆଙ୍କ ନେତୃତ୍ୱରେ ବରିଷ୍ଠ ପୁରୁଖା କର୍ମୀ ଦ୍ୱାରିବନ୍ଧୁ ସାହୁ, ପୁରୁଷୋତ୍ତମ ବେହେରା, ଟଙ୍କଧର ସାହୁ, କେଶବ ଚନ୍ଦ୍ର ସାହୁ, ବିଜୟ କୁମାର ନାୟକ, ସନ୍ତୋଷ କୁମାର ସାହୁ, ଆନନ୍ଦ ବିଶ୍ୱାଳ, ଦୋଳଗୋବିନ୍ଦ ମହାଳିକ, ବାବୁଲି ବିଶ୍ୱାଳ, ସରୋଜ ଦେହୁରୀଙ୍କ ସମେତ ଅନ୍ୟ କର୍ମୀ ମାନେ ଉପସ୍ଥିତ ରହି ଶୁଚି ହୋଇଥିଲେ । କର୍ମୀ ମାନେ ସ୍ୱର୍ଗତ ପ୍ରଧାନଙ୍କ ଫଟୋ ଚିତ୍ର ଧରି ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

■ ମାର୍ଚ୍ଚ ୨୯ ରେ ଓକିଲ ସଂଘ ନିର୍ବାଚନ

# ନିର୍ବାଚନ ମଇଦାନରେ ୮ ପ୍ରାର୍ଥୀ

ଛେଣ୍ଡିପଦା,୨୭।୩(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ସଦର ମହକୁମାରେ ଥିବା ଓକିଲ ସଂଘ ନିର୍ବାଚନ ମାର୍ଚ୍ଚ ୨୯ ତାରିଖରେ ଅନୁଷ୍ଠିତ ହେବ । ଏଥିପାଇଁ ଓକିଲ ସଂଘ ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ଭୀମାକାନ୍ତ ଗଡ଼ନାୟକଙ୍କୁ ନିଯୁକ୍ତି କରାଯାଇଛି । ଚଳିତ ବର୍ଷ ସଭାପତି ପଦରେ ନଗେନ କୁମାର ନନ୍ଦ ଓ ଦୁର୍ଯ୍ୟୋଧନ ମାଝୀ, ଉପ ସଭାପତି ଭାବେ ପ୍ରଶାନ୍ତ କୁମାର ସାହୁ ଓ ବିଜୟ କୁମାର ବେହେରା, ସାଧାରଣ ସମ୍ପାଦକ ଭାବେ ଅଶୋକ କୁମାର ଦ୍ୱିବେଦୀ ଓ ସଞ୍ଜୟ କୁମାର ବେହେରା, ସହ ସମ୍ପାଦକ ଦୀପକ କୁମାର ମାଝୀ ଓ ବିଦ୍ୟାଧର ବେହେରା ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି । ଚଳିତ ନିର୍ବାଚନରେ ସାଂସ୍କୃତିକ ସମ୍ପାଦକ ଓ କୋଷାଧକ୍ଷ ପଦବୀରେ କେହି ନାମାଙ୍କନ ଭରି ନଥିବା ଜଣାପଡିଛି । ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ରାଜ୍ୟରେ ୱାନ୍ ବାର୍ ୱାନ୍ ଭୋଟ୍ ନିୟମ ଅନୁଯାୟୀ ରାଜ୍ୟରେ ଗୋଟିଏ ଦିନ ସବୁ ଓକିଲ ସଂଘର ନିର୍ବାଚନ ହେବ । ଓକିଲ ସଙ୍ଘ ନିର୍ବାଚନ ପାଇଁନାମାଙ୍କନପତ୍ର ଦାଖଲ ଗତ ମାର୍ଚ୍ଚ ୫ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୭ ପର୍ଯ୍ୟନ୍ତ ହୋଇଥିଲା । ମାର୍ଚ୍ଚ ୧୨ ତାରିଖରେ ପ୍ରାର୍ଥପତ୍ର ପ୍ରତ୍ୟାହାର ପରେ ମାର୍ଚ୍ଚ ୧୩ ତାରିଖରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ମାର୍ଚ୍ଚ ୨୯ ତାରିଖରେ ସକାଳ ସାଢେ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନିର୍ବାଚନ କରାଯିବା ସହିତ ସେହିଦିନ ଅପରାହ୍ନ ୪ଟାରୁ ଭୋଟ ଗଣତି କରାଯିବ ବୋଲି ନିର୍ବାଚନ ଅଧିକାରୀ ଭୀମାକାନ୍ତ ଗଡ଼ନାୟକ ସୂଚନା ଦେଇଛନ୍ତି ।

## ଶେଷରେ ମୁଖ୍ୟମନ୍ତ୍ରୀ ସଡ଼କ ବି ଚୋରି ହୋଇଗଲା

# ପ୍ରକଳ୍ପ ଖୋଜୁଛନ୍ତି ୫ ପଞ୍ଚାୟତବାସୀ

ପଟ୍ଟାମୁଣ୍ଡାଇ/ମାଳିପୁର,୨୭।୩(ସମିସ):

ଶେଷରେ ମୁଖ୍ୟମନ୍ତ୍ରୀ ସଡକ ବି ଚୋରି ହୋଇଯାଇଛି । ଏଭଳି ଏକ ସାଙ୍ଘାତିକ ତଥ୍ୟ ଆରଟିଆଇ ମାଧ୍ୟମରେ ଜଣା ପଡିବା ପରେ ସାଧାରଣରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ଏହି ସଡକଟି କେଉଁଠି ନିର୍ମାଣ ହୋଇଛି ତାହା ଶାସନ, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର, ଚନ୍ଦନନଗର ପ୍ରଭୃତି ପାଞ୍ଚ ପଞ୍ଚାୟତର ଲୋକମାନେ ଖୋଜିବା ଆରମ୍ଭ କରିଦେଇଛନ୍ତି । ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସମ୍ପ୍ରତି ମାଳିପୁରରୁ ବଳଭଦ୍ରପୁର ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ ଆରମ୍ଭ ହୋଇ ଅବଧି ସରିବାର ତିନି ମାସ ବିତି ଗଲା ପରେ ମାଳିପୁରରେ ରାସ୍ତା କେଉଁଠି ତିଆରି ହୋଇଛି ଦେଖିବାକୁ ମିଳୁନାହିଁ । ପ୍ରକାଶ ଯେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା(ଟିଆରଆଇପି) ଯୋଜନାରେ ମାଳିପୁରଠାରୁ ଭାୟା ରାଘପୁର, ଡାମରପୁର, ବାଲିପାଟଣା, ଛତ୍ରଧାରିପାଟଣା ଦେଇ ବଳଭଦ୍ରପୁର ପର୍ଯ୍ୟନ୍ତ ରାସ୍ତା ତିଆରି ପାଇଁ ଯୋଜନା ପ୍ରସ୍ତୁତ କରା ଯାଇଥିଲା ।ଏହି ଯୋଜନା ଅନୁଯାୟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ସମୁଦାୟ ଛଅ କିଲୋମିଟର ୧ ଶହ ମିଟର ରାସ୍ତା ନିର୍ମାଣ ପାଇଁ ଛଅ କୋଟି ଅଠର ଲକ୍ଷ ଟଙ୍କାର ବ୍ୟୟ ବରାଦ ରଖି ଟେଣ୍ଡର ଆହ୍ୱାନ କରିଥିଲା । ଟେଣ୍ଡର ହେବା ପରେ ୫ କୋଟି ୪୧ ଲକ୍ଷ ୬୧ ହଜାର ୧୫୫ ଟଙ୍କା ବ୍ୟୟ ଅଟକଳ ସ୍ଥିର କରାଯାଇ ଠିକାଦାର ବିଜୟ କୁମାର ମହାନ୍ତିଙ୍କ ସହିତ ବିଭାଗ ଚୁକ୍ତି କରିଥିଲା । ଠିକାଦାର ୧୫ ମାର୍ଚ୍ଚ ୨୦୨୪ ରିଖ ରେ ଚୁକ୍ତି ସ୍ୱାକ୍ଷର କରି କାର୍ଯ୍ୟ ଆରମ୍ଭ କରିଥିଲେ । ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ୧୪ ଡିସେମ୍ବର ୨୦୨୩ ରିଖରେ ଶେଷ ହେବା କଥା । ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ରାସ୍ତା କାର୍ଯ୍ୟ ମାଳିପୁର ଛକରେ ଥିବା ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଆରମ୍ଭ ହୋଇ ବିଭିନ୍ନ ଭାୟା ଗ୍ରାମ ଦେଇ ଯିବା ସହିତ ବଳଭଦ୍ର ପୁରରେ ସମାପ୍ତ ହେବା କଥା । ପାଞ୍ଚ ପଞ୍ଚାୟତ କୁ ସଂଯୋଗ କରୁଥିବା ଏବଂ ଏକ ମାତ୍ର ପ୍ରବେଶ ପଥ ମାଳିପୁର ଠାରୁ ବାଲିପାଟଣା ପର୍ଯ୍ୟନ୍ତ ରାସ୍ତାରେ ଏଷ୍ଟିମେଟ ଅନୁଯାୟୀ ଠିକାଦାର କୌଣସି ରାସ୍ତା ନିର୍ମାଣ କାର୍ଯ୍ୟ କରିନଥିଲେ । ସ୍ଥାନୀୟ ଜନସାଧାରଣ ଙ୍କୁ ଭୁଆଁ ବୁଲାଇବା ପାଇଁ ମାଳିପୁର ପୂର୍ତ୍ତ ବିଭାଗ ରାସ୍ତା ନିକଟରୁ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏଷ୍ଟିମେଟ୍ ରେ ସ୍ପଷ୍ଟ ଲେଖାଥିଲେ ବି ମାଳିପୁର ନିକଟରେ ଠିକାଦାର କିମ୍ବା ବିଭାଗୀୟ ଅଧିକାରୀ କୌଣସି କାର୍ଯ୍ୟ ଫଳକ ନ ଲଗାଇ ବିପରୀତ ଦିଗରୁ ବଳଭଦ୍ରପୁର ନିକଟରୁ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲେ ।ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ପାଇଁ ମାଳିପୁର ଠାରୁ ଶ୍ରୀରାମପୁର, ଡ଼ାମରପୁର ଏବଂ ବଳଭଦ୍ରପୁର

### ଆରଟିଆଇରେ ମିଳିଲା ସାଙ୍ଘାତିକ ତଥ୍ୟ

ପଞ୍ଚାୟତ କୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତାର ନିର୍ମାଣ କାର୍ଯ୍ୟ ହୋଇପାରିନଥିବା ଅଭିଯୋଗ ହୋଇଛି । ଏହି ଏକ ମାତ୍ର ରାସ୍ତା ଯାହାକି ଶ୍ରୀରାମପୁର, ଡାମରପୁର ଏବଂ ବଳଭଦ୍ରପୁର ପଞ୍ଚାୟତ କୁ ସଂଯୋଗ କରୁଥିବା ଏକ ମାତ୍ର ରାସ୍ତା ଯାହା ବାରମ୍ବାର ବନ୍ୟାରେ କ୍ଷତିଗ୍ରସ୍ତ ହେଉଛି ।ତେବେ କାମ ସରିବାର ଅବଧି ଅତିକ୍ରମ କରିବା ର ତିନି ମାସ ପରେ ଠିକାଦାର ଗତ ୨୪ ମାର୍ଚ୍ଚ ୨୦୨୫ରେ ମାଳିପୁର ଛକରେ କାର୍ଯ୍ୟ ଆରମ୍ଭ କରିଥିଲେ । ପୁରୁଣା ପିଚୁ ରାସ୍ତାରୁ ପିଚୁ ନ ଉଠାଇ ପିଚୁ ଉପରେ ଅତି କମ୍ ଉଚ୍ଚତାର କଂକ୍ରିଟ ଢ଼ଳେଇ ଆରମ୍ଭ କରିଥିଲେ । ସ୍ଥାନୀୟ ବାସିନ୍ଦା ଏହାର ତୀବ୍ର ବିରୋଧ କରିବାରୁ ଠିକାଦାର ରାସ୍ତା ନିର୍ମାଣ ରେ ସାମାନ୍ୟ ସୁଧାର ଆଣି କେଉଁଠି ଛଅ ଇଞ୍ଚ ତ କେଉଠି ଚାରି ଇଞ୍ଚ ଉଚ୍ଚତାର ଢ଼ଳେଇ କରିଥିଲେ । ପୂର୍ତ୍ତ ବିଭାଗ ରାସ୍ତାଧାରକୁ ଲଗାଇ ଢ଼ଳେଇ କରିବାକୁ ଏଷ୍ଟିମେଟରେ ଲେଖା ଯାଇଥିବା ବେଳେ ଠିକାଦାର କିନ୍ତୁ ପୂର୍ତ୍ତ ବିଭାଗ ରାସ୍ତା ନିକଟରୁ ପ୍ରାୟ ପନ୍ଦର ଫୁଟ ଛାଡ଼ି ଢ଼ଳେଇ କାର୍ଯ୍ୟ କରିଥିଲେ ।ମାତ୍ର ଷାଠିଏ ଫୁଟ ଲମ୍ବ କାର୍ଯ୍ୟ ସାରିବା ପରେ ଠିକାଦାର ମଧ୍ୟ କାମ ଛାଡି ଚାଲି ଯାଇଛନ୍ତି । କାମ ବିଷୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ରାସ୍ତାର ମରାମତି କରାଯାଉଛି ବୋଲି କହିଥିଲେ । ଯଦି ମରାମତି ହେଉଛି ତାହେଲେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର କାମ କୁଆଡେ ଗଲା ବୋଲି ପଚାରିବାରୁ ମୁଁ ଜାଣିନାହିଁ ବୁଝିଲେ କହିବି ବୋଲି କହିଛନ୍ତି ।ବାସ୍ତବରେ ରାସ୍ତା ନିର୍ମାଣ ହୋଇନଥିବା ଫଳରେ ମାଳିପୁରରୁ ବାଲି ପାଟଣା ପର୍ଯ୍ୟନ୍ତ ରାସ୍ତା ଏବେ ମଧ ସେହିଭଳି ପୁରୁଣା ଅବସ୍ଥାରେ ଖାଲ ଖମାରେ ପୂରି ରହିଛି । ମୁଖ୍ୟମନ୍ତ୍ରୀଙ୍କ ସଡ଼କ ପ୍ରକଳ୍ପଟି ବିଭାଗୀୟ ଅଧିକାରୀଙ୍କ ସହଯୋଗରେ ଚୋରି ହୋଇ ଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ତେଣୁ ଏହାର ଯଥା ଶୀଘ୍ର ତଦନ୍ତ କରି ସରକାର ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଉକ୍ତ ମୁଖ୍ୟମନ୍ତ୍ରୀ ସଡକର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଶାସନ, ଶ୍ରୀରାମପୁର, ଡ଼ାମରପୁର, ବଳଭଦ୍ରପୁର ,ଚନ୍ଦନ ନଗର ପଞ୍ଚାୟତର ବାସିନ୍ଦା ସରକାରଙ୍କ ନିକଟରେ ଦାବୀ କରିଛନ୍ତି । ଯଦି ଉଚିତ ଭାବେ ମାଳିପୁରରୁ ବାଲିପାଟଣାକୁ ସଂଯୋଗ କରୁଥିବା ଏବଂ ୫ଟି ପଞ୍ଚାୟତ ର ପ୍ରବେଶ ଦ୍ୱାର ମାଳିପୁର ଠାରୁ ଭଲ ରାସ୍ତାକାମ ଠିକ୍ ଭାବରେ କରା ନଯାଏ ତାହେଲେ ଉତୀକଣ ସଂଗ୍ରାମ ପରିଷଦ ଆନ୍ଦୋଳନ କୁ ଓହ୍ଲାଇବ ବୋଲି ପରିଷଦ ର ସଭାପତି ପ୍ରଶାନ୍ତ ମହାନ୍ତି, ବୃନ୍ଦାବନ ପରିଡ଼ା, ନିରଞ୍ଜନ ଦାସ, ଆଶିଷ ମଲିକ, ସୁମନ୍ତ ମଲିକ, ବିଚିତ୍ର ସେନାପତି, ରମାକାନ୍ତ ଦାସ, ସର୍ବେଶ୍ୱର ସେଠୀ ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ଟ୍ରକ୍ ଧକ୍କାରେ ଦମ୍ପତି ଗୁରୁତର, କଟକ ସ୍ଥାନାନ୍ତର

# ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ



କାମାକ୍ଷାନଗର,୨୭।୩(ସମିସ): କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥର ବଡ଼ବିଲା ସାହି ଛକ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା । ଦ୍ରୁତଗାମୀ ଟ୍ରକ ଧକ୍କାରେ ଦମ୍ପତ୍ତି ଗୁରୁତର । ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଛନ୍ତି, କାମାକ୍ଷାନଗର ଥାନା ବଡ଼ବିଲା ସାହିର ବୀରପାତ୍ର ଓ କୁନ୍ତଳା ପାତ୍ର । ସୂଚନା ଅନୁସାରେ ଉଭୟ ଦମ୍ପତ୍ତି ଗତକାଲି ନିକଟସ୍ଥ ଆଳତୁମା ଗାଁରୁ ଯାତ୍ରା ଦେଖି ନିଜ ଘରକୁ ଫେରୁଥିବା ବେଳେ ଜାତୀୟ ରାଜପଥରେ ଏକ ଦ୍ରୁତଗାମୀ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଉଭୟ ଗୁରୁତର ଅବସ୍ଥାରେ ଅଚେତ ହୋଇ ରାସ୍ତାରେ ପଡି ରହିଥିଲେ । ସ୍ଥାନୀୟ ଲୋକ ତୁରନ୍ତ ଉଭୟଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ବଡ଼ବିଲା ସାହି ନିକଟରେ ବାରମ୍ବାର ଦୁର୍ଘଟଣା ଘଟି ଅନେକ ଲୋକଙ୍କ ଜୀବନ ଯାଉଥିବା ବେଳେ ଏଠାରେ ଜାତୀୟ ରାଜପଥ ତରଫରୁ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ । ଜାତୀୟରାଜପଥ ଉପରେ ହମ୍ପସ ନିର୍ମାଣ, ଆଲୋକୀକରଣ ଓ ଗୁରୁତର ଦମ୍ପତ୍ତିଙ୍କୁ କ୍ଷତିପୂରଣ ଦାବିରେ ସକାଳୁ ବଡ଼ବିଲା ସାହିର ଶତାଧିକ ମହିଳା ଓ ପୁରୁଷ ଜାତୀୟରାଜପଥ ଅବରୋଧ କରିଛନ୍ତି । ଫଳରେ ରାସ୍ତାର ଉଭୟପାଶ୍ୱର୍ରେ ଶତାଧିକ ଗାଡି ଅଟକି ରହିଥିବା ବେଳେ କାମାକ୍ଷାନଗରରୁ ତାଳଚେର ମଧ୍ୟରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା । ଖବର ପାଇ କାମାକ୍ଷାନଗର ଏସ୍‌ଡିପିଓ ଜ୍ଞାନରଞ୍ଜନ ମିଶ୍ର, ଥାନା ଅଧିକାରୀ ଆଶିଷ ଜେନା ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ପ୍ରତିଶୃତି ପୂରଣ ପାଇଁ ରାଜି କରାଇଥିଲେ ।

# ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଜନ୍ମ ଶତବାର୍ଷିକୀ

ଢେଙ୍କାନାଳ,୨୭।୩(ସମିସ): ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ସାନବଉଳପୁରୁ ଗ୍ରାମ ଠାରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୭ତମ ଜନ୍ମ ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଗୁରୁ ଭକ୍ତ, ଶ୍ରଦ୍ଧାଳୁ ମିଳନ ହୋଇ ବଉଳପୁରୁସ୍ଥିତ ଯାତ୍ରା ପଡ଼ିଆଠାରେ ସ୍ଥାନୀୟ ଭକ୍ତ ଭାଇ, ମା' ମାନଙ୍କ ଉଦ୍ୟମରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଙ୍କର ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା । ଦିନ ୧ଟାରୁ ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞମାନଙ୍କ ଦ୍ୱାରା ଦନ୍ତରାଗ ଶିବିର ଅନୁଷ୍ଠିତ ହୋଇଥିଲା । ପରେ ଏକ ସୁସଜ୍ଜିତ ରଥରେ ଶ୍ରୀ ଶ୍ରୀ ଠାକୁରଙ୍କୁ ଶିଷ୍ୟ ଓ ଶ୍ରଦ୍ଧାଳୁ ମାନଙ୍କ ଗ୍ରହଣରେ ନଗର ପରିକ୍ରମା କରାଯାଇଥିଲା । ସମଗ୍ର ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ପରେ ଭଜନ କୀର୍ତ୍ତନ ସହ ଠାକୁରଙ୍କୁ ଯାତ୍ରା ପଡ଼ିଆ



ଠାରେ କରାଯାଇଥିବା ମଣ୍ଡପକୁ ଅଣାଯାଇ ସମସ୍ତ ନୀତି କାନ୍ତି ସହ ପୂଜାର୍ଚ୍ଚନା କରାଯାଇଥିଲା । ଏହି ସତ୍‌ସଙ୍ଗରେ ଆଖପାଖର ପ୍ରାୟ ୧୦ଟି ପଞ୍ଚାୟତର ଶହଶହ ଗୁରୁପ୍ରେମୀ ଯୋଗଦାନ କରି ଶ୍ରୀ ଶ୍ରୀ ଠାକୁରଙ୍କର ଆଶିଷ ଲାଭ କରିଥେôଲ । ଅନୁଷ୍ଠାନର ମୁଖ୍ୟମାନେ ଏବଂ ଉପସ୍ଥିତ ଥିବା ମା' ଓ ଭାଇ ମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ଆସିଥିବା ସମସ୍ତ ଆଗନ୍ତୁକ ମାନଙ୍କୁ ଠାକୁରଙ୍କ ପ୍ରସାଦ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସହପ୍ରତିରତିକ୍ ରଘୁନାଥ ବସ୍ତିଆ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟବକ୍ତା ଭାବେ ଯାଜକ ଅଧିକାରୀ ନାୟକ ଯୋଗଦେଇଥିଲେ । ଅନୁଷ୍ଠାନର ଉପଦେଷ୍ଟା ସୁଦାମ ଚରଣ ମହାରଣା, ପ୍ରହଲ୍ଲାଦ ସାହୁ, ମନୋଜ ସାହୁ, ଈଶ୍ୱର ସାହୁ, ବାବୁଲା ସାହୁ ଏବଂ ସୁଦର୍ଶନ ଜେନା ଓ ଆଖପାଖ ଗ୍ରାମର ଗୁରୁଭାଇମାନେ ଉପସ୍ଥିତ ହୋଇ ସତ୍‌ସଙ୍ଗକୁ ସଫଳ କରିଥିଲେ ।

# ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପ୍ରସ୍ତୁତି ବୈଠକ

ବଅଁରପାଳ,୨୭।୩(ସମିସ): ବଅଁରପାଳ ବ୍ଲକ୍‌ସ୍ତରୀୟ ପ୍ରବେଶ ଓ ଖଡିଛୁଆଁ ପ୍ରସ୍ତୁତି ବୈଠକ ବ୍ଲକ ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗ ଦେଇଥିଲେ । ଏହି ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ନାଏକ, ମୀରା ଗଡ଼ନାୟକ, ସମସ୍ତ ସରପଞ୍ଚ ସମିତି ସଭ୍ୟ, ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଶ୍ରୀ ବେହେରା, ମୁଖ୍ୟ ମନ୍ତ୍ରୀଙ୍କ ଦ୍ୱାରା ପ୍ରେରିତ ନିମନ୍ତ୍ରଣ ପତ୍ର ବଣ୍ଟନ କରିଥିଲେ । ସେହିପରି ଏକ ବିଶେଷ କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ବଅଁରପାଳ ସରସ୍ୱତୀ ବିଦ୍ୟାମନ୍ଦିର ତୃତୀୟ ଶ୍ରେଣୀ ଛାତ୍ରୀ ପ୍ରିୟାନ୍ସି ଚିନ୍ନରା, ବଳରାମ ପ୍ରସାଦ ଉଚ୍ଚ ବିଦ୍ୟାଳୟର ଛାତ୍ର ଶ୍ରୀମାନ ଦିଶାନ୍ ବିଶ୍ୱାଳ ରାଜ୍ୟସ୍ତରରୁ ଉତ୍ତୀର୍ଣ୍ଣର୍ ହୋଇ ଜୋନାଲ୍‌ସ୍ତରକୁ ମନୋନୀତ ହୋଇ କଲିକତା କାର୍ଯ୍ୟକ୍ରମରେ ଯୋଗ ଦେବାକୁ ମନୋନୀତ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ତେଜସ୍ୱିନୀ ଦେହୁରୀ, କୁଶଣ କୁମାର ସାହୁ, ପୁରସ୍କୃତ ହୋଇଥିଲେ ସରୋଜ କୁମାର ମହାରଣା ଏହି ସଭାକୁ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା । ଆଗାମୀ ୨ ତାରିଖ ହେବାକୁ ଥିବା ପ୍ରବେଶ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ପର୍ଣ୍ଣ ଭିଡିଓ ଭାଇରାଲକୁ ନେଇ ଜନଅସନ୍ତୋଷ

ପଟ୍ଟାମୁଣ୍ଡାଇ,୨୭।୩(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପ୍ରସ୍ତୁତ କରାଯାଇଥିବା । ଏକ ପର୍ଣ୍ଣ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି । ଏହାକୁ ନେଇ ତୀବ୍ର ଜନଅସନ୍ତୋଷ ଦେଖାଦେଇଥିବା ବେଳେ ପୁଲିସ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ସମ୍ପ୍ରତି ପଟ୍ଟାମୁଣ୍ଡାଇ ସହରରେ ବ୍ୟବସାୟ କରୁଥିବା ଜଣେ ବ୍ୟକ୍ତି ଜନୈକା ମହିଳା ଙ୍କ ସହିତ ଏହି ପର୍ଣ୍ଣ ଭିଡିଓ ଟି ପ୍ରସ୍ତୁତ କରାଯାଇଛି । ସମୁଦାୟ ୨ ମିନିଟ ୫୪ସେକେଣ୍ଡ ସମୟର ଅବଧି ମଧ୍ୟରେ ପ୍ରସ୍ତୁତ ପର୍ଣ୍ଣ ଭିଡିଓ ରେ ସମ୍ପୂର୍ଣ ଭାବେ ଅଶ୍ଳୀଳତା ପୁରି ରହିଛି । ପର୍ଣ୍ଣ ଭିଡିଓ ରେ ଥିବା ପୁରୁଷ ବ୍ୟବସାୟୀ ଜଣକ ବିବାହିତ ହୋଇଥିବା ବେଳେ ଭିଡିଓ ରେ ଥିବା ମହିଳା ଜଣକ ବିବାହିତ ଓ ପଟ୍ଟାମୁଣ୍ଡାଇ ସହରରେ ଘରଭଡା ନେଇ ରହୁଥିବା ଜଣାପଡିଛି । କେଉଁ ପରିସ୍ଥିତିରେ ଭିଡିଓ ରେ ଥିବା ପୁରୁଷ ଓ ମହିଳା ଏଭଳି ଚିତ୍ର ଉତ୍ତୋଳନ କରିଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଓ ଆଚମ୍ବିତ କରିଦେଇଛି ।

## ତାଳଚେରରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ

# ଏକାଦଶାହରେ ଦେବେନ୍ଦ୍ର ପ୍ରଧାନଙ୍କୁ ଦେଲେ ଶ୍ରଦ୍ଧାଞ୍ଜଳି

ତାଳଚେରସଦର, ୨୭।୩ (ସମିସ):

ଏକାଦଶାହରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ପିଏମଆଇଟି ବାସଭବନରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ତାଙ୍କ ବିୟୋଗରେ ସମଗ୍ର ଦେଶରୁ ବିଭିନ୍ନ ଅଞ୍ଚଳର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସାଂସଦ, ବିଧାୟକ ଓ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି ତାଳଚେର ଆସି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଆଜି ତାଙ୍କର ତାଳଚେର ତାଳଚେର ସ୍ଥିତ ପିଏମଆଇଟି ବାସଭବନକୁ କେନ୍ଦ୍ର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ଏହି ଅବସରରେ ଆଜି ୫୦ହଜାରରୁ ଅଧିକ ବିଜେପି କର୍ମୀ ଓ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଯୋଗ ଦେଇଥିଲେ । ସେହିଭଳି ଗତକାଲି ହାଣ୍ଡିଧୂଆଁ ନିବାସରେ ଭିଡ଼ ରହିଥିଲା । ଗତକାଲି ମଧ୍ୟପ୍ରଦେଶର ଶକ୍ତିମନ୍ତ୍ରୀ ରାକେଶ ଶୁକ୍ଲା, ଝାଡ଼ଖଣ୍ଡ ରାଜ୍ୟ ବିଜେପି ସଭାପତି ଡଃ.ରବୀନ୍ଦ୍ର କୁମାର ରାୟ, ମଧ୍ୟପ୍ରଦେଶ ରାଜ୍ୟ ବିଜେପି ସଭାପତି ଭି.ଡି ଶର୍ମା, ମଧ୍ୟପ୍ରଦେଶ ସାଂସଦ ମହେନ୍ଦ୍ର ସିଂହ ସୋଲାଙ୍କି ଓ ଅନିଲ ଫିରୋଜିଆ, ବିଧାୟକ ସଞ୍ଜୟ ସତେନ୍ଦ୍ର ପାଠକ, ରାଜସ୍ଥାନ ବିଜେପି ନେତା



ହେମରାଜ ମିନାଙ୍କ ସମେତ ଶତାଧିକ ବିଜେପି କର୍ମକର୍ତ୍ତା ଆସି ଡଃ. ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ତାଙ୍କର ମାତା ବସନ୍ତ ମଞ୍ଜରୀ ପ୍ରଧାନ, ଧର୍ମପତ୍ନୀ ମୃଦୁଳା ଠାକୁର ପ୍ରଧାନ ଓ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି । ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ରାଜ୍ୟ ସାଧାରଣ ସଂପାଦକ ସିମାଞ୍ଚଳ ଖଟେଇ ଓ ସାରଦା ପ୍ରସାଦ ଶତପଥୀ, ଅନୁଗୁଳ ବିଧାୟକ, ପ୍ରତାପଚନ୍ଦ୍ର ପ୍ରଧାନ, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ବରିଷ୍ଠ ନେତା କାଳନ୍ଦି ସାମଲଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

● ଜନବସତିରେ ଶ୍ମଶାନ ନିର୍ମାଣକୁ ବିରୋଧ

# ତହସିଲଦାରଙ୍କୁ ଭେଟି ଅଭିଯୋଗ କଲେ ମହିଳା

କେନ୍ଦ୍ରାପଡା,୨୭।୩(ସମିସ):କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ଗ୍ରାମର ମଧ୍ୟସ୍ଥଳୀ ୭ନଂ ୱାର୍ଡରେ ପ୍ରସ୍ତାବିତ ନୂତନ ଶ୍ମଶାନଗୃହ ନିର୍ମାଣକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଆଜି ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା କେନ୍ଦ୍ରାପଡା ତହାସିଲଦାର ତାପସ ରଞ୍ଜନ ଦେହୁରୀଙ୍କୁ ଭେଟିଛନ୍ତି । ଏଥି ସହିତ ଜିଲ୍ଲାପରିଷଦ ଅଧ୍ୟକ୍ଷ ଲିଳିତା ଦାସଙ୍କୁ ଭେଟିଥିଲେ । ଅଧ୍ୟକ୍ଷ ଶ୍ରୀମତୀ ଦାସ ସଙ୍ଗେ ସଙ୍ଗେ ତହସିଲଦାରଙ୍କୁ ମଧ୍ୟ ଭେଟି ସମସ୍ୟା ଉପରେ ଆଲୋଚନା କରିଥିଲେ । ତହସିଲଦାର ଶ୍ରୀ ଦେହୁରୀ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ଗରାପୁର ରାଜସ୍ୱ ନିରିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ଥାନୀୟ ମହିଳାମାନଙ୍କ ଅଭିଯୋଗ କରିଛନ୍ତି ଯେ ସେହି ଅଞ୍ଚଳରେ ଜନବସତି ଥିବା ସହିତ ଏକ ମନ୍ଦିର ଓ ଗାଧୁଆ ତୁଠ ରହିବା ସହିତ ପିଲାମାନେ ଖେଳାଖେଳି କରନ୍ତି । ତେଣୁ ସେଠାରେ ଶ୍ମଶାନ ଗୃହ ନିର୍ମାଣ କରାଗଲେ ସେହି ଅଞ୍ଚଳର ଲୋକମାନେ ସେହି ରାସ୍ତାରେ ଯିବାଆସିବା କରିବାକୁ ଭୟଭୀତ ହେବା ସହିତ ପରିବେଶ ଦୂଷିତ ହେବ । ଗୁଲନଗର



ଗ୍ରାମବାସୀମାନେ ଆବାହମାନ କାଳରୁ କଜଳା ଶ୍ମଶାନରେ ଶବଦାହ କରୁଛନ୍ତି । ତାହାଦ୍ୱାରା ଗୁଲନଗରବାସୀଙ୍କ ପାଇଁ କୌଣସି ଅସୁବିଧା ହେଉନାହିଁ । ନୂତନ ଶ୍ମଶାନ ଗୃହ ନିର୍ମାଣକୁ ବିରୋଧ କରି ଗ୍ରାମବାସୀମାନେ ପ୍ରସ୍ତାବିତ ଅଞ୍ଚଳରେ ଶ୍ମଶାନ ନକରି ଅନ୍ୟ ସ୍ଥାନକୁ ଏହାକୁ ସ୍ଥାନାନ୍ତର କରିବାକୁ ଦାବି କରିଥିଲେ । ଯଦି ଗ୍ରାମବାସୀଙ୍କ ଦାବିକୁ ଗୁରୁତ୍ୱ ଦିଆନଗଲେ ଗ୍ରାମବାସୀମାନେ ଆନ୍ଦୋଳନାକେ ପନ୍ଥା ଗ୍ରହଣ କରିବେ ବୋଲି ତହସିଲଦାରଙ୍କୁ ଚେତାବନୀ ଦେଇଛନ୍ତି । ସୂଚନା ଯୋଗ୍ୟ ଯେ ଗତ ମାର୍ଚ୍ଚମାସ ୨୧ତାରିଖରେ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏଥି ସହିତ କେନ୍ଦ୍ରାପଡା ସଦର ଥାନାରେ ଗୁଲନଗର ସରପଞ୍ଚଙ୍କ ସ୍ୱାମୀ କରୁଣାକର ସାହୁ ଏହି ଘଟଣାକୁ ନେଇ ନାନାପ୍ରକାର ଧମକଚମକ ଦେଉଛନ୍ତି ବୋଲି ଅଭିଯୋଗ କରିଥିଲେ ।ରଶ୍ମିତା ରଣା, ସୁଭଦ୍ରା କୁବେର, ରଶ୍ମିରେଖା ସାହୁ, ସୁରଥ ବେଜ୍, ସଂଯୁକ୍ତା ରଣା, ସୁବାସ ବାରିକ, ଅଲେଖ ସେଠୀ, ଗିରିଧାରୀ ବେହେରା, ପର୍ଶୁରାମ ବେହେରା, ଗୌରାଙ୍ଗ ବେହେରା, କୃଷ୍ଣଚନ୍ଦ୍ର ବେହେରା, ଅଭିରାମ ରଣା, ମୌନାବତୀ ସାହୁ, ଗାୟତ୍ରୀ ସାହୁ, ରଞ୍ଜୁଲତା ସାହୁ, ଭାବନା ସାହୁ, ଗୋବିନ୍ଦ ସାହୁ, ଗିରିଧାରୀ ବେହେରା, ପ୍ରବୀର ବେହେରା ପ୍ରମୁଖ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

**ଆଇପିଏଲ୍-୧୮** | **ଶାର୍ଦ୍ଦୁଳଙ୍କ ଘାତକ ବୋଲିଂ, ପୂରନଙ୍କ ବିସ୍ଫୋରକ ଅର୍ଦ୍ଧଶତକ**

# ହାଇଦରାବାଦ୍‌କୁ ହରାଇଲା ଲକ୍ଷ୍ନୌ

ହାଇଦରାବାଦ୍,୨୭ ।୩(ଏଜେନ୍ସି)



**ସଂକ୍ଷିପ୍ତ ସ୍କୋର**

**ସନରାଇଜର୍ସ ହାଇଦରାବାଦ୍ : ୧୯୦/ ୯ ,୨୦ ଓଭର**
(ହେଡ୍-୪୭, ଅନିକେତ- ୩୬, ନୀତୀଶ- ୩୨, କ୍ଲାସେନ- ୨୬, କମିନ୍ସ- ୧୮ , ହର୍ଷାଲ-୧୨*, ଶାର୍ଦ୍ଦୁଳ- ୪/୩୪)

**ଲକ୍ଷ୍ନୌ ସୁପର ଜାଏଣ୍ଟସ୍ :୧୯୩/ ୫,୧୬.୧ ଓଭର**
(ନିକୋଲସ୍ ପୁରନ୍- ୭୦, ମିଚେଲ୍ ମାର୍ଶ-୫୨, ରିଷଭ ପନ୍ଥ- ୧୫, ସମଦ-୨୨*, କମିନ୍ସ-୨/୨୯ , ସାମି-୧/୩୭)

ଶାର୍ଦ୍ଦୁଳ ଠାକୁର ଘାତକ ବୋଲିଂ ଓ ନିକୋଲସ ପୂରନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୭ମ ଲିଗ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ ୫ ୱିକେଟରେ ସନରାଇଜର୍ସ ହାଇଦରାବାଦ୍‌କୁ ପରାସ୍ତ କରିଛି । ଏହା ଫଳରେ ଦଳ ୨ଟି ମ୍ୟାଚ୍‌ରୁ ପ୍ରଥମ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ଶାର୍ଦ୍ଦୁଳ ଠାକୁର ୩୪ ରନ୍‌ରେ ୪ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ହାଇଦରାବାଦ୍ ୯ ୱିକେଟ ହରାଇ ୧୯୦ ରନ ସଂଗ୍ରହ କରିଥିଲା । ଜବାବରେ ୧୯୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ ୧୬.୧ ଓଭରରେ ୫ ୱିକେଟରେ ୧୯୩ ରନ୍ କରି ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ୧୮ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ପୂରନ ୨୬ ବଲ୍ ଖେଳି ୬ଟି ଲେଖାଏଁ ଚୌକା ଓ ଛକା ସହ ସର୍ବାଧିକ ୭୦ ରନ୍ କରିଥିଲେ । ଇମ୍ପାକ୍ଟ ଖେଳାଳିଭାବେ ଆସିଥିବା ମିଚେଲ ମାର୍ଶ ୩୧ ବଲ୍‌ରୁ ୭ ଚୌକା ଓ ୨ଛକା ସହ ୫୨ ଏବଂ ଅବଦୁଲ ସମଦ ୮ ବଲ୍‌ରୁ ୨ଟି ଲେଖାଏଁ ଚୌକା ଓ ଛକା ସହ ଅପରାଜିତ ୨୨ ରନ୍ କରି ଦଳକୁ ଜିତାଇଥିଲେ। ଅଧିନାୟକ ଋଷଭ ପନ୍ତ୍ ୧୫ ଓ ଆଇଡେନ ମାର୍କରାମ ୧ ରନ୍‌ରେ ଆଉଟ ହୋଇଥିଲେ।

ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ହାଇଦରାବାଦ୍ ନିୟମିତ ଅନ୍ତରରେ ୱିକେଟମାନ ହରାଇଥିଲା। ଫଳରେ ଦଳ ବିଶାଳ ସ୍କୋର କରିପାରି ନ ଥିଲା। ୧୫ ରନରେ ଦୁଇ ତାରକା ଖେଳାଳି ଅଭିଷେକ ଶର୍ମା ୬ ଓ ପ୍ରଥମ ମ୍ୟାଚ୍‌ରେ ଶତକ ହାସଲ କରିଥିବା ଇଶାନ କିଶାନ ଖାତା ଖୋଲିବା ପୂର୍ବରୁ ଶାର୍ଦ୍ଦୁଳ ଠାକୁରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଓପନର ଟ୍ରାଭିସ୍ ହେଡ୍ ୨୮ ବଲରୁ ୫ ଚୌକା ଓ ୩ ଛକା ସହ ୪୭ ରନର ପାଳି ଖେଳିଥିଲେ ମଧ୍ୟ ଅର୍ଦ୍ଧଶତକ ହାସଲ କରିପାରି ନଥିଲେ। ହେନରିକ୍ କ୍ଲାସେନ ୧୭ ବଲରୁ ୨୬, ନୀତୀଶ କୁମାର ରେଡ୍ଡୀ ୨୮ ବଲରୁ ୩୨ ରନ୍ କରିଥିଲେ। ଅନିକେତ ବର୍ମା ୧୩ ବଲରୁ ୫ଟି ଛକା ସହ ୩୬ ଓ ଅଧିନାୟକ ପ୍ୟାଟ କମିନ୍ସ ୪ଟି ବଲରୁ ୩ଟି ଛକାମାରି ୧୮ ରନ ସଂଗ୍ରହ କରିଥିଲେ। ଶାର୍ଦ୍ଦୁଳ ୩୪ ରନରେ ମୂଲ୍ୟବାନ ୪ ୱିକେଟ ନେଇଥିଲେ।

**ଆଇପିଏଲ୍‌ରେ ଆଜି**
**ଚେନ୍ନାଇ ବନାମ ବେଙ୍ଗାଲୁରୁ**
ଚେନ୍ନଇ / ରାତି ୭.୩୦ | ଷ୍ଟାର ସ୍ପୋର୍ଟ୍ସ / ଜିଓ ହଟଷ୍ଟାର

## ଶୀତକାଳୀନ ଅଲିମ୍ପିକ୍ସକୁ ଆରିଫ୍‌ଙ୍କ ଯୋଗ୍ୟତା

ନୂଆଦିଲ୍ଲୀ,୨୭।୩ (ଏଜେନ୍ସି): ୨୦୨୨ ବେଜିଂ ଶୀତକାଳୀନ ଅଲିମ୍ପିକ୍ କ୍ରୀଡ଼ାରେ ଭାଗ ନେଇଥିବା ଏକମାତ୍ର ପ୍ରତିଯୋଗୀ ଭାରତର ଆଲପାଇନ୍ ସ୍କାୟର ଆରିଫ ମହମ୍ମଦ୍ ଖାନ୍ ୨୦୨୬ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ମିଲାନୋ କୋର୍ଟିନାରେ ଶୀତକାଳୀନ ଅଲିମ୍ପିକ୍ସ ଅନୁଷ୍ଠିତ ହେବ ଓ ଆରିଫ୍ ସ୍ଲାଲୋମ୍ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଜାମ୍ମୁ-କଶ୍ମୀରର ଏହି ଆଥ୍‌ଲେଟ ଦ୍ୱିତୀୟଥର ଲାଗି ଶୀତକାଳୀନ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ୩୫ ବର୍ଷୀୟ ଏହି ଆଥ୍‌ଲେଟ୍ ପଏଣ୍ଟ ଭିତ୍ତିରେ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତ କିଛିବର୍ଷ ଧରି ସେ ଭାରତରୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଏକମାତ୍ର ପ୍ରତିଯୋଗୀଭାବେ ଅଂଶଗ୍ରହଣ କରିଆସୁଛନ୍ତି।

## ଆହତ ଲାଥମ୍‌ଙ୍କ ସ୍ଥାନରେ ବ୍ରେସ୍‌ୱେଲ ଅଧିନାୟକ

ଅକ୍‌ଲାଣ୍ଡ, ୨୭।୩ (ଏଜେନ୍ସି): ପାକିସ୍ତାନକୁ ୪-୧ ବ୍ୟବଧାନରେ ପରାସ୍ତ କରି ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଜିତିଥିବା ନ୍ୟୁଜିଲାଣ୍ଡର ନିୟମିତ ଅଧିନାୟକ ଟମ୍ ଲାଥମ ଆହତ ଥିବାରୁ ଦିନିକିଆ ସିରିଜ୍‌ରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଟି-୨୦ ସିରିଜ୍‌ରେ ଦଳର ନେତୃତ୍ୱ ନେଇଥିବା ମାଇକେଲ ବ୍ରେସ୍‌ୱେଲଙ୍କୁ ଦିନିକିଆ ସିରିଜରେ ନ୍ୟୁଜିଲାଣ୍ଡର ନେତୃତ୍ୱ ନେବାକୁ ମନୋନୀତ କରାଯାଇଛି। ତାଙ୍କ ସ୍ଥାନରେ ହେନରୀ ନିକୋଲସ୍‌ଙ୍କୁ ଦଳରେ ସାମିଲ କରାଯାଇଛି ଓ ମିଚ୍ ହେ' ୱିକେଟକିପିଙ୍ଗ କରିବେ ବୋଲି ଜଣାଯାଇଛି। ଦୁଇ ଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ମାର୍ଚ୍ଚ ୨୯ ରୁ ଆରମ୍ଭ ହେବ। ଏହି ସିରିଜ୍‌ର ଅନ୍ୟ ଦୁଇଟି ମ୍ୟାଚ୍ ଏପ୍ରିଲ ୨ ଓ ୬ରେ ଖେଳାଯିବ।

■ **ଖେଲୋ ଇଣ୍ଡିଆ ପାରା ଗେମ୍ସ**

## ଗୌତମ, ଉଦୟଙ୍କୁ କାଂସ୍ୟ





ଭୁବନେଶ୍ୱର, ୨୭।୩ (ସମିସ): ଓଡ଼ିଶାର ଗୌତମ ସିଂ ଓ ଉଦୟ ଶଙ୍କର ରାଉତ ନୂଆଦିଲ୍ଲୀରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ପାରା ଗେମ୍ସରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ପାରା ଟେବଲ ଟେନିସରେ ଏହା ରାଜ୍ୟ ଲାଗି ପ୍ରଥମ ପଦକ ହୋଇଥିବାରୁ ସେ ଇତିହାସ ସୃଷ୍ଟି କରିଛନ୍ତି। ଆଜି ଅନୁଷ୍ଠିତ ପାରା ଟିଟି ସେମିଫାଇନାଲରେ ତାମିଲନାଡୁର ଅବିନାଶ ଗୋପୀନାଥଙ୍କଠାରୁ ୩-୦ରେ ହାରିଯାଇଥିଲେ। ଏହା ଫଳରେ ତାଙ୍କୁ କାଂସ୍ୟ ପଦକ ମିଳିଥିଲା। ଗୋପୀନାଥ ସ୍ୱର୍ଣ୍ଣ ଓ ହରିୟାଣାର ଲକଶ୍ୟ ଗୁପ୍ତା ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେହିପରି କ୍ଲାସ୍-୬ କାଟେଗୋରୀର ସେମିଫାଇନାଲରେ ପରାଜିତ ହୋଇ ଉଦୟ ରାଜ୍ୟ ଲାଗି ଦ୍ୱିତୀୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଗୁରୁବାର ଖେଲୋ ଇଣ୍ଡିଆ ପାରା ଗେମ୍ସ ଉଦ୍‌ଯାପିତ ହୋଇଯାଇଛି।

■ **ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

## ଭାରତୀୟ ତୀରନ୍ଦାଜୀ ଦଳରେ କିଟ୍‌ର ଆଦିତି



ଭୁବନେଶ୍ୱର, ୨୭।୩ (ସମିସ): ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୩୨ତମ ସଂସ୍କରଣ ଜୁଲାଇ ୧୬ରୁ ୨୭ ତାରିଖ ପର୍ଯ୍ୟନ୍ତ ଜର୍ମାନୀରେ ଅନୁଷ୍ଠିତ ହେବ। ଏଥିଲାଗି ଭାରତୀୟ ତୀରନ୍ଦାଜୀ ଦଳରେ କିଟ୍ ବିଶ୍ୱବିଦ୍ୟାଳୟର ଆଦିତି ଜୟସ୍ୱାଲ ସ୍ଥାନ ପାଇଛନ୍ତି। ଆଦିତି ମହିଳା ରିକର୍ଭ ବର୍ଗରେ ଅଂଶଗ୍ରହଣ କରିବା ଲାଗି ମନୋନୀତ ହୋଇଛନ୍ତି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ତୀରନ୍ଦାଜ ଆଦିତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶଯୋଗ୍ୟ, ଭାରତୀୟ ବିଶ୍ୱବିଦ୍ୟାଳୟ ତୀରନ୍ଦାଜୀ ଦଳର ଚୟନ ଶିବିର ମଙ୍ଗଳବାରଠାରୁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଥିଲା। ଏହି ୩ ଦିନିଆ ଚୟନ ଶିବିରରେ ଦେଶର ୧୦୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟର ପାଖାପାଖି ୩୦୦ ପୁରୁଷ ଓ ମହିଳା ତୀରନ୍ଦାଜ ଅଂଶଗ୍ରହଣ କରିଥିଲେ। ମନୋନୀତ ହୋଇଥିବା ଭାରତୀୟ ବିଶ୍ୱବିଦ୍ୟାଳୟ ତୀରନ୍ଦାଜୀ ଟିମକୁ ନେଇ ଜୁନ ୨୦ରୁ ମଧ୍ୟ କିଟ୍‌ରେ ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ।

■ **ଏଆଇଏଫ୍‌ଏଫ୍ ୟୁଥ୍ ଲିଗ୍**

## ଫାଓ ଏକାଡେମୀ, ଓଡ଼ିଶା ଏଫ୍‌ସି ପରାସ୍ତ

ଭୁବନେଶ୍ୱର, ୨୭।୩ (ସମିସ): ଏଆଇଏଫ୍‌ଏଫ୍ ଇଣ୍ଡିଆ ୟୁଥ୍ ଲିଗ୍‌ରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଦୁଇ ଦଳ ଫାଓ ଏକାଡେମୀ ଓ ଓଡ଼ିଶା ଏଫ୍‌ସି ପରାଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ପଶ୍ଚିମବଙ୍ଗର କଲନାରେ ଚାଲିଥିବା ଏହି ଉପକନିଷ୍ଠସ୍ତରୀୟ ଲିଗ୍‌ରେ ଗୁରୁବାର ଫାଓ ଏକାଡେମୀ ୨-୫ ଗୋଲ୍‌ରେ ଜାମସେଦପୁର ଏଫ୍‌ସି ନିକଟରୁ ପରାସ୍ତ ହୋଇଛି। ସେହିଭଳି ଅନ୍ୟ ଏକ ମ୍ୟାଚରେ ତାମିଲନାଡୁଭିତ୍ତିକ ଦଳ ସେଥୁ ଏଫ୍‌ସି ୩-୧ ଗୋଲ୍‌ରେ ଓଡ଼ିଶା ଏଫ୍‌ସିକୁ ହରାଇଦେଇଛି।

## ଜାତୀୟ ରେଫରୀ ପରୀକ୍ଷାରେ ରୀନା, ବାଲମତୀଙ୍କ ସଫଳତା





ଭୁବନେଶ୍ୱର, ୨୭।୩ (ସମିସ): ଓଡ଼ିଶାର ଦୁଇ ମହିଳା ଫୁଟ୍‌ବଲ ରେଫରୀ ସୁନ୍ଦରଗଡ଼ର ରୀନା ତିର୍କୀ ଓ ବାଲମତୀ ଓରାମ ଜାତୀୟ ରେଫରୀ ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ଆନୁକୂଲ୍ୟରେ ଗତ ୨୨ ଓ ୨୩ ତାରିଖ ଦୁଇଦିନ ଧରି ଗ୍ୱାଲିୟରରେ ଅନୁଷ୍ଠିତ ଉଭୟ ଶାରୀରିକ ସୁସ୍ଥତା ଓ ଲିଖିତ ପରୀକ୍ଷାରେ ଉଭୟ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ଏବେ ରୀନା ଓ ବାଲମତୀ ସମ୍ପୂର୍ଣ୍ଣ ଜାତୀୟ ରେଫରୀ ପରୀକ୍ଷାରେ କୃତକାର୍ଯ୍ୟ ହେବା ଲାଗି ପ୍ରାକ୍ଟିକାଲ ଓ ମୌଖିକ ପରୀକ୍ଷାରେ ଅଂଶଗ୍ରହଣ କରିବେ। ଏହି ଅବସରରେ ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ)ର ସମ୍ପାଦକ ଆଶୀର୍ବାଦ ବେହେରା ଉଭୟ ରୀନା ଓ ବାଲମତୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ମେସିଙ୍କ ବିନା ଜିତିଲା ଆର୍ଜେଣ୍ଟିନା

ବୁଏନସ ଆଇରିସ୍, ୨୭।୩ (ଏଜେନ୍ସି): ଆହତ ଲିଓନେଲ ମେସିଙ୍କ ଅନୁପସ୍ଥିତିରେ ଆର୍ଜେଣ୍ଟିନା ୪-୧ ଗୋଲରେ ବ୍ରାଜିଲକୁ ପରାସ୍ତ କରି ୨୦୨୬ ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିଛି। ଏହି ମ୍ୟାଚ୍‌ରେ ମେସି ଖେଳୁ ନ ଥିଲେ। ସେଥିଲାଗି ସେମାନଙ୍କ ସାଥି ଖେଳାଳିଙ୍କ ଚିନ୍ତା ନାହିଁ। କିନ୍ତୁ ସେ ୨୦୨୬ ବିଶ୍ୱକପ୍ ଖେଳିବେ କି ନାହିଁ ତାହାକୁ ନେଇ ସମସ୍ତେ ଚିନ୍ତାରେ ଅଛନ୍ତି। ହେଡ୍ କୋଚ୍ ଲିଓନେଲ ସ୍କଲାନିଙ୍କ ମତରେ ବିଶ୍ୱକପ୍ ଅନେକ ସମୟ ବାକି ରହିଛି। ଏହା ମଧ୍ୟରେ ଅନେକ କିଛି ପରିବର୍ତ୍ତନ ହୋଇପାରେ। ୩୭ ବର୍ଷୀୟ ମେସି ନିଜ ଭବିଷ୍ୟତ ସମ୍ପର୍କରେ ନିଜେ ନିଷ୍ପତ୍ତି ନେବେ। ଏଣୁ ତାଙ୍କ ସମ୍ପର୍କରେ ଆମେ ଏତେ ସମୟ ଚିନ୍ତା କରୁନାହୁଁ ବୋଲି ସ୍କଲାନି କହନ୍ତି। ଗତକାଲି ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଆର୍ଜେଣ୍ଟିନା ପକ୍ଷରୁ ଜୁଲିଆନ ଆଲଭାରେଜ୍, ଏଞ୍ଜୋ ଫର୍ଣ୍ଣାଣ୍ଡେଜ୍, ଆଲେକ୍ସିସ୍ ମାକ୍ ଆଲିଷ୍ଟର ଓ ଗୁଲିଆନୋ ସିମୋନ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। କିନ୍ତୁ ମେସି ଖେଳୁଥିଲେ ଏହି ସଂଖ୍ୟା ନିଶ୍ଚିତ ଅଧିକ ହୋଇଥାନ୍ତା ବୋଲି ଆଲଭାରେଜ୍ କହିଛନ୍ତି।

■ **ଜାତୀୟ ମହିଳା ହକି ଲିଗ୍**

## ଓଡ଼ିଶା-ହରିୟାଣା ଫାଇନାଲ ଆଜି

ଭୁବନେଶ୍ୱର, ୨୭।୩ (ସମିସ): ରାଞ୍ଚିର ମାରାଙ୍ଗ ଗୋମକେ ଜୟପାଲ୍ ସିଂହ ହକି ଷ୍ଟାଡିୟମରେ ଚାଲିଥିବା ଜାତୀୟ ମହିଳା ହକି ଲିଗ୍ (୨୧ ବର୍ଷରୁ କମ୍)ର ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଯାଇଛି। ଶୁକ୍ରବାର ଦୁଇ ଶକ୍ତିଶାଳୀ ଦଳ ଓଡ଼ିଶା ଓ ହରିୟାଣା ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ଫାଇନାଲ ଫେଜ୍‌ରେ ଓଡ଼ିଶା ଏହାର ଅନ୍ତିମ ଲିଗ୍ ମ୍ୟାଚରେ ଝାଡ଼ଖଣ୍ଡଠାରୁ ୨-୦ ଗୋଲରେ ପରାଜୟବରଣ କରିଥିଲେ ମଧ୍ୟ ଶୀର୍ଷ-୨ ଦଳ ମଧ୍ୟରେ ରହି ଫାଇନାଲରେ ସ୍ଥାନ ପକ୍କା କରିଥିଲା। ଓଡ଼ିଶା ୭ ମ୍ୟାଚ୍ ଖେଳି ୪ ବିଜୟ, ୨ ପରାଜୟ ଓ ଗୋଟିଏ ସୁଟ୍ ଆଉଟ୍ ବିଜୟ ସହ ୧୫ ପଏଣ୍ଟ ପାଇଛି। ସେହିଭଳି ହରିୟାଣା ସମାନ ୭ ମ୍ୟାଚରୁ ୧୫ ପଏଣ୍ଟ ପାଇ ଉନ୍ନତ ଗୋଲ୍ ଦୃଷ୍ଟିରୁ ଶୀର୍ଷ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଛି। ଅପରପକ୍ଷରେ ଝାଡ଼ଖଣ୍ଡ, ମିଜୋରାମ ଓ ମଧ୍ୟପ୍ରଦେଶ ୧୨ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୩ଟି ସ୍ଥାନରେ ରହିଛନ୍ତି। ତେଣୁ ଶୁକ୍ରବାର କାଂସ୍ୟପଦକ ଲାଗି ଝାଡ଼ଖଣ୍ଡ ଓ ମିଜୋରାମ ଧରେ ଲଢ଼େଇ ହେବ।

● **ଏଏଫ୍‌ସି ମହିଳା ଏସିଆନ୍ କପ୍ କ୍ୱାଲିଫାୟର୍ସ**

## ମଙ୍ଗୋଲିଆ ବିପକ୍ଷରୁ ଭାରତର ଅଭିଯାନ ଜୁନ୍ ୨୩ରେ

ନୂଆଦିଲ୍ଲୀ,୨୭ ।୩(ଏଜେନ୍ସି): ଆଗାମ ଏଏଫ୍‌ସି ଏସିଆନ୍‌କପ୍ କ୍ୱାଲିଫାୟର୍ସରେ ଭାରତୀୟ ସିନିଅର ମହିଳା ଫୁଟବଲ ଦଳ ଏଥର ଗ୍ରୁପ୍ ବି'ରେ ସାମିଲ ହୋଇଛି। ଭାରତ ଗ୍ରୁପ୍ ବି'ରେ ଥାଇଲାଣ୍ଡ, ମଙ୍ଗୋଲିଆ, ଇରାକ ଓ ତିମୋର ଲେଷ୍ଟ ବିପକ୍ଷରେ ମ୍ୟାଚ୍ ଖେଳିବ। ମାଲେସିଆର କ୍ୱାଲାଲମ୍ପୁରରେ ଡ୍ର ଘୋଷଣା କରାଯାଇଛି। ଥାଇଲାଣ୍ଡର ଚଆଙ୍ଗ ମାଇରେ ଜୁନ୍ ୨୩ରୁ ଜୁଲାଇ ୫ ମଧ୍ୟରେ ଗ୍ରୁପ ବି'ର ସବୁ ମ୍ୟାଚ୍‌ଗୁଡିକ ଖେଳାଯିବ। ଗ୍ରୁପ୍ ଚାମ୍ପିଅନ ଫାଇନାଲ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ମୁଖ୍ୟ ଟୁର୍ଣ୍ଣାମେଣ୍ଟ ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ମାର୍ଚ୍ଚ ୧ରୁ ୨୬ ତାରିଖ ମଧ୍ୟରେ ଖେଳାଯିବ। ମାର୍ଚ୍ଚରେ ୬ରେ ପ୍ରକାଶିତ ଫିଫା ର୍‌ୟାଙ୍କିଙ୍ଗକୁ ଭିତ୍ତିକରି ଦଳଗୁଡିକୁ ୮ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ ଏ ଓ ବି'ରେ ୫ଟି ଲେଖାଏ ଦଳ ସାମିଲ ହୋଇଥିବା ବେଳେ ବାକି ୬ଟି ଗ୍ରୁପ୍‌ରେ ୪ଟି ଲେଖାଏ ଦଳ ସାମିଲ ହୋଇଛନ୍ତି। ମୁଖ୍ୟ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ୬ଟି ଦଳ ୨୦୨୭ରେ ବ୍ରାଜିଲରେ ଆୟୋଜନ ହେବାକୁ ଥିବା ଫିଫା ମହିଳା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ଭାରତ ଜୁନ୍ ୨୩ରେ ମଙ୍ଗୋଲିଆ, ୨୯ରେ ଆୟୋଜକ ତିମୋର- ଲେଷ୍ଟ, ଜୁଲାଇ ୨ରେ ଇରାକ ଓ ୫ରେ ଆୟୋଜକ ଥାଇଲାଣ୍ଡକୁ ଭେଟିବ।

## ଖେଲୋ ଇଣ୍ଡିଆ ପାରା ଗେମ୍ସ ଉଦ୍‌ଯାପିତ

ନୂଆଦିଲ୍ଲୀ,୨୭ ।୩(ଏଜେନ୍ସି): ନୂଆଦିଲ୍ଲୀରେ ମାର୍ଚ୍ଚ ୨୦ରୁ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ପାରା ଗେମ୍ସ ଗୁରୁବାର ଉଦ୍‌ଯାପିତ ହୋଇଛି। ସପ୍ତାହବ୍ୟାପୀ ଅନୁଷ୍ଠିତ ଏହି ଇଭେଣ୍ଟରେ ହରିୟାଣା ୩୪ ସ୍ୱର୍ଣ୍ଣ, ୩୯ ରୌପ୍ୟ ଓ ୩୧ କାଂସ୍ୟ ସହ ମୋଟ ୧୦୪ ପଦକ ପାଇ ତାଲିକାର ଶୀର୍ଷରେ ରହିଛି। ତାମିଲନାଡୁ ୨୮ ସ୍ୱର୍ଣ୍ଣ, ୧୯ ରୌପ୍ୟ, ୨୭ କାଂସ୍ୟ ସହ ୭୪ ପଦକ ପାଇ ଦ୍ୱିତୀୟ ଓ ଉତ୍ତରପ୍ରଦେଶ ୨୩ ସ୍ୱର୍ଣ୍ଣ, ୨୧ ରୌପ୍ୟ ଓ ୨୦ କାଂସ୍ୟ ସହ ୬୪ ପଦକ ହାସଲ କରି ତୃତୀୟ ସ୍ଥାନରେ ରହିଛି। ଓଡ଼ିଶା ୨ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୮ଟି କାଂସ୍ୟ ସହ ମୋଟ ୧୨ ପଦକ ହାସଲ କରି ତାଲିକାରେ ୧୬ଶ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଏଥର ୧୮ଟି ପାରା ଜାତୀୟ ରେକର୍ଡ ସୃଷ୍ଟି ହୋଇଛି। ଦେଶର ବିଭିନ୍ନ ରାଜ୍ୟ ଓ ଅଞ୍ଚଳରୁ ୧,୩୦୦ ପାରା ଆଥଲେଟ୍ ଏଥିରେ ଅଂଶଗ୍ରହଣ କରିଥିଲେ।

## ପ୍ରଭାତ ସ୍ମାରକୀ କ୍ରିକେଟ: ସେମିରେ ତମାଣ୍ଡୋ-ଗଙ୍ଗପଡ଼ା




ଭୁବନେଶ୍ୱର, ୨୭।୩ (ସମିସ): ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ ଓ ଗଙ୍ଗପଡ଼ା କ୍ରିକେଟ ଟିମ୍ ମଧ୍ୟରେ ଏଠାରେ ଚାଲିଥିବା ପ୍ରଭାତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଆସନ୍ତାକାଲି ବା ଶୁକ୍ରବାର ଖେଳାଯିବ। ଗୁରୁବାର ଅନୁଷ୍ଠିତ ଶେଷ କ୍ୱାର୍ଟର ଫାଇନାଲରେ ତମାଣ୍ଡୋ ୪୩ ରନ୍‌ରେ ମେଣ୍ଢାଶାଳକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ତମାଣ୍ଡୋ ୮ ୱିକେଟରେ ୨୨୨ ରନ୍ କରିଥିଲାବେଳେ ମେଣ୍ଢାଶାଳ ସମାନ ସଂଖ୍ୟକ ଓଭର ଖେଳି ୯ ୱିକେଟରେ ୧୭୯ ରନ୍ କରିଥିଲା। ତମାଣ୍ଡୋ ଇନିଂସରେ ମାତ୍ର ୪୫ ବଲ୍‌ରୁ ୫ ଚୌକା ଓ ୬ ଛକା ସହ ୮୦ ରନ୍ କରିବା ସହ ଗୋଟିଏ ୱିକେଟ ନେଇଥିବା ପ୍ରୀତମ ଜେନାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଅତିଥି ରବିନାରାୟଣ ଧଳ ପ୍ରଦାନ କରିଥିଲେ। ତମାଣ୍ଡୋର ଅନ୍ୟ ଖେଳାଳିଙ୍କ ମଧ୍ୟରେ ସିପୁନ ପଟ୍ଟନାୟକ ୪୯, ପଙ୍କଜ ଜେନା ୩୪ ରନ୍ କରିଥିଲାବେଳ ଦୀପକ ବେହେରା ୩ଟି ଓ ସିପୁନ ୨ଟି ୱିକେଟ ପାଇଥିଲେ। ମେଣ୍ଢାଶାଳର ସ୍ୱାଧିନ ପାଇକରାୟ ସର୍ବାଧିକ ୪୯ ରନ୍ କରିଥିଲାବେଳେ ସୁକାନ୍ତ ପାତ୍ର ୩ଟି ୱିକେଟ ପାଇଥିଲେ। ଅମ୍ପାୟର କମଳଲୋଚନା ଜେନା ଓ ଅକ୍ଷୟ କୁମାର ସ୍ୱାଇଁ ଖେଳ ପରିଚାଳନା କରିଥିଲେ।

## ପିଟର ଲେଭରଙ୍କ ପରଲୋକ

ଲଣ୍ଡନ, ୨୭।୩ (ଏଜେନ୍ସି): ଇଂଲଣ୍ଡ କ୍ରିକେଟ୍ ଦଳର ପୂର୍ବତନ ଦ୍ରୁତ ବୋଲର୍ ପିଟର୍ ଲେଭର୍‌ଙ୍କ ୮୪ ବର୍ଷ ବୟସରେ ପରଲୋକ ଘଟିଛି। ସେ ଇଂଲଣ୍ଡ ପାଇଁ ୧୭ ଟେଷ୍ଟ ଓ ୧୦ ଏକଦିବସୀୟ ମ୍ୟାଚ୍ ଖେଳି ଯଥାକ୍ରମେ ୪୧ ଓ ୧୧ଟି ୱିକେଟ୍ ନେଇଥିଲେ। ୧୯୭୧ରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ବିଶ୍ୱର ପ୍ରଥମ ଏକଦିବସୀୟ ମ୍ୟାଚରେ ସେ ଖେଳିବାର ସୁଯୋଗ ପାଇଥିଲେ।

## ଜାତୀୟ ଉପକନିଷ୍ଠ ଅସିଚାଳନା ଉଦ୍‌ଘାଟିତ



କଟକ, ୨୭।୩ (ସମିସ): ଜବାହାରଲାଲ ଇଣ୍ଡୋର ଷ୍ଟାଡିୟମ୍‌ରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଜାତୀୟ ଉପକନିଷ୍ଠ (ସବ୍‌ଜୁନିୟର) ଅସିଚାଳନା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଗୁରୁବାର ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୪ ଦିନ ଧରି ଚାଲିବ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ, ଓଡ଼ିଶା ରାଜ୍ୟ ଅସିଚାଳନା ସଂଘକର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ଏଥିରେ କେବଳ ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। ୨୮ଟି ରାଜ୍ୟରୁ ୭୦୦ରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାରୁ ୧୨ ଜଣ ଲେଖାଏଁ ବାଳିକା ଓ ବାଳକ ଭାଗ ନେଇଛନ୍ତି। ପୂର୍ବରୁ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ା ବିଭାଗର ଓଏସ୍‌ଡି ଧୀରଜ ପଟ୍ଟନାୟକ, କଟକ ଜିଲ୍ଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ଓଡ଼ିଶା ଅସିଚାଳନା ସମ୍ପାଦକ ଦେବେନ୍ଦ୍ର ସାହୁ, ସାଙ୍ଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ଉପସଭାପତି ରମେଶ ଚନ୍ଦ୍ର ମଲିକ ଓ କୋଷାଧ୍ୟକ୍ଷ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ ସେଠୀ, କରିସ୍ମା ରାଉତ. ଅନ୍ୱେଶା ରାଉତ, ଅନୁସୂୟା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

**କଳାହାଣ୍ଡି କପ୍ କ୍ରିକେଟ**

## ବଲାଙ୍ଗିର, ମାଲକାନଗିରି, ଭଦ୍ରକର ବିଜୟ

କଟକ, ୨୭।୩ (ସମିସ)



ନୌତମ ଭଞ୍ଜ: ୫/୨୦



ଅଭିନବ ନନ୍ଦ: ୫/୨୨



ଅଙ୍କିତ ଜୟସ୍ୱାଲ: ୫/୨୦



ନାକା ଦୀପକ ରାଜ : ୫/୧୬

କଳାହାଣ୍ଡି କପ୍ ଆନ୍ତଃଜିଲ୍ଲା ସିନିୟର କଳାହାଣ୍ଡି କପ୍‌ର ଦ୍ୱିତୀୟ ପର୍ଯ୍ୟାୟ ଆଜି ଆରମ୍ଭ ହୋଇଛି। ଏହି ପର୍ଯ୍ୟାୟରେ ଗ୍ରୁପ୍- ଡି, ଇ ଓ ଏଫ୍'ରେ ସ୍ଥାନ ପାଇଥିବା ଦଳଗୁଡିକ ମଧ୍ୟରେ ମ୍ୟାଚ୍ ଆୟୋଜିତ ହୋଇଛି। ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ବଲାଙ୍ଗିର ମାତ୍ର ୩ ରନରେ ପୁରୀକୁ ପରାସ୍ତ କରିଛି। ଗୌରବ କୁମ୍ଭାର ୬୦ ରନ୍ ଓ ଓମ୍‌କାର ମହାନ୍ତି ୩ ୱିକେଟ ନେଇ ଦଳକୁ ଜିତାଇଛନ୍ତି। ସେହିପରି ସୋନପୁର ମଧ୍ୟ ଚମତ୍କାର ପ୍ରଦର୍ଶନ କରି ୩ ୱିକେଟରେ କେନ୍ଦ୍ରାପଡ଼ାକୁ ହରାଇଛି। ଅନ୍ୟ ମ୍ୟାଚ୍‌ରେ ଭଦ୍ରକ ୮ ୱିକେଟରେ କିଟ୍‌କୁ ପରାଜିତ କରିଛି। ଭଦ୍ରକର ସାହିଲ ଖାନ୍ ଅପରାଜିତ ୬୦ ଓ କ୍ରିଷ୍ଣାମନୋହର ମହାନ୍ତି ୪ ୱିକେଟ ପାଇଛନ୍ତି। ନୌତମ ଭଞ୍ଜଙ୍କ ୫ ୱିକେଟ ବଳରେ ବାଲେଶ୍ୱର ୫୭ ରନ୍‌ରେ ବରଗଡ଼କୁ ପରାସ୍ତ କରିଛି। ଅନ୍ୟ ଏକ ମ୍ୟାଚ୍‌ରେ ନାକା ଦୀପକ ରାଜ ୧୬ ରନ୍‌ରେ ୫ ୱିକେଟ ଓ ଦିନେଶ ହାଲ୍‌ବାଙ୍କ ୫୬ ରନ୍ ସହାୟତାରେ ମାଲକାନଗିରି ୩୪ ରନ୍‌ରେ ସମ୍ବଲପୁର-ଏ'କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛି। କିନ୍ତୁ ଅନ୍ୟ ଶୀର୍ଷଦଳଗୁଡିକ ବିଜୟୀ ହୋଇଛନ୍ତି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ କଟକ-ବି' ୯ ୱିକେଟରେ ରାୟଗଡ଼ାକୁ, ରେଭେନ୍‌ଶା ଗ୍ରାଉଣ୍ଡ-୨'ରେ ସମ୍ବଲପୁର-ବି' ୮୨ ରନ୍‌ରେ ଗଞ୍ଜାମକୁ ପରାସ୍ତ କରିଛି। କଟକ-ବି'ର ପୀୟୂଷ ମନ୍ତ୍ରୀ ୪ଟି ଓ ସମ୍ବଲପୁର-ବି'ର ଅମରନାଥ ଭୋଇ ୯୫, ହ୍ରିତିକ ପଟେଲ ୫୦ ରନ୍ କରିଥିଲାବେଳେ ଅଭିନବ ନନ୍ଦ ୫ ୱିକେଟ ପାଇଥିଲେ।

ସନ୍‌ସାଇନ୍ ଗ୍ରାଉଣ୍ଡରେ ଅଙ୍କିତ ଜୟସ୍ୱାଲ ୫ଟି ଓ ଆକାଶ ଠାକୁର ୪ଟି ୱିକେଟ ନେବା ଫଳରେ ରାଉରକେଲା ୭ ୱିକେଟରେ ଦେବଗଡ଼କୁ ପରାସ୍ତ କରିଛି। ଖୋର୍ଦ୍ଧାରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର-ଏ' ୭୦ ରନରେ ଅନୁଗୁଳକୁ ପରାସ୍ତ କରିଛି। ବିଜୟୀ ଦଳର ରଘୁନାଥ ମଲ୍ଲ ୮୩, ସୌରଭ ଗୌଡ଼ା ୮୨ ରନ୍ କରିଥିଲେ। ସୁମନ ଦାସ ଅପରାଜିତ ୩୮ ରନ୍ କରିବା ସହ ୩ ୱିକେଟ ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS